



**ଶ୍ରମିକଙ୍କ ନିରାପତ୍ତା ବ୍ୟବସ୍ଥା ନାଲିଫିତା ତଳେ**

# ୫ ବର୍ଷରେ ଗଲାଣି ୧୫ରୁ ଅଧିକ ଜୀବନ

**କଟକ, ୩।୪(ସମିସ)**

ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମୃତ୍ୟୁ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ବିଭିନ୍ନ ସମୟରେ ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ପାଳନ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି। ବିଶେଷକରି ସିପିଏଚଇଓ (ସେଣ୍ଟ୍ରାଲ ପବ୍ଲିକ ହେଲଥ ଇଞ୍ଜିନିୟରିଂ ଅରଗାନାଇଜେସନ) ପକ୍ଷରୁ ଏଥି ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଥିଲା। ଏହି ମାର୍ଗଦର୍ଶିକାକୁ କଡାକଡି ପାଳନ ପାଇଁ ଅଦାଲତଙ୍କ ମଧ୍ୟ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହି ଶ୍ରମିକଙ୍କ ନିରାପତ୍ତା ପାଇଁ ରହିଥିବା ଏସଓପି ଏବେ ନାଲିଫିତା ତଳେ ରହିଯାଇଛି। ବିଗତ ୫ବର୍ଷ ମଧ୍ୟରେ ବିପଜ୍ଜନକ ଭାବେ କାର୍ଯ୍ୟ କରୁଥିବା ୧୫ରୁ ଅଧିକ ଶ୍ରମିକଙ୍କ ପ୍ରାଣହାନୀ ମଧ୍ୟ ଘଟିଲାଣି। ଏଣୁ ନିରାପତ୍ତା ବ୍ୟବସ୍ଥା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାନୁଆଲ ବ୍ୟବସ୍ଥାରେ ମଇଳା ଟାଙ୍କି ସଫେଇ ଉପରେ କଟକଣା ରହିଥିଲେ ମଧ୍ୟ ଏହା ପାଳନ ହେଉନାହିଁ। କାଁ ଭାଁ ଯାନ୍ତ୍ରିକ ପଦ୍ଧତିରେ ସଫେଇ ହେଉଥିବା ବେଳେ ଏବେ ବି ଶ୍ରମିକଙ୍କୁ ଏଥିପାଇଁ ନିୟୋଜିତ କରାଯାଉଥିବା ପରିଲକ୍ଷିତ ହେଉଛି। କଟକ ମହାନଗର ନିଗମ ଏ ଦିଗରେ ନିରବଦ୍ରଷ୍ଟା ସାଜିଛି। ଗତ ୨୦୨୧ରେ କଟକ ସହରରେ ଦୁଇ ଜଣ ଶ୍ରମିକ ସ୍ୱେରେଜ ଲାଇନ ସଫେଇ ବେଳେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିବାର ନଜିର ରହିଛି। ଗତ ୨୦୨୨ ଜୁଲାଇ ମାସରେ କଟକ ସହରର ଦେଉଳସାହିର ରେଭିନ୍ୟୁ କଲୋନିରେ ପଙ୍କୋଦ୍ଧାର କରିବା ବେଳେ ଜଣେ ସଫେଇ କର୍ମଚାରୀଙ୍କ ଉପରେ ପାଚେରି ଭୁଷୁଡି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ଦୁଇ ବର୍ଷ ତଳେ ମଧ୍ୟ ବାରଙ୍ଗ ଥାନା ଅଞ୍ଚଳର ଗଦେଇକୁଦ ଠାରେ ବିଜ୍ଞାପନ ହୋର୍ଡିଂରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାର ନଜିର ରହିଛି। ସେହିଭଳି ଗତ ୨୦୨୪ ସେପ୍ଟେମ୍ବର ମାସରେ କଟକ ନରଣପୁର ଅଞ୍ଚଳରେ ପାଇଖାନା ଟାଙ୍କି ସେଣ୍ଟ୍ରିଂ କାଢିବା ବେଳେ ୩ ଜଣ ବଙ୍ଗୀୟ ଶ୍ରମିକଙ୍କ ଶ୍ୱାସରୁଦ୍ଧ ଜନିତ ମୃତ୍ୟୁ ଘଟିଥିଲା। ଗତବର୍ଷ କଟକରେ ଏକ ଡ୍ରେନ ନିର୍ମାଣ ବେଳେ ପାଚେରି ଭୁଶୁଡି ଜଣେ ବାହାର ରାଜ୍ୟର ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୨ଜଣ ଆହତ ହୋଇଥିଲେ। କଟକ କାଠଯୋଡି ରିଙ୍ଗବନ୍ଧ ସମ୍ପ୍ରସାରଣ ବେଳେ କ୍ରେନ ଭାଙ୍ଗିଯିବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣା ବି ଘଟିଛି। ନିରାପତ୍ତା ପାଇଁ ଏନଫୋର୍ସମେଣ୍ଟ ଅଭାବରୁ ଶ୍ରମିକଙ୍କ ଜୀବନ ବାଜିରେ ଲାଗୁଥିବା ଜଣାପଡ଼ିଛି। ଆବଶ୍ୟକୀୟ ସୁରକ୍ଷା ବା ନିରାପତ୍ତା ନିୟମାବଳୀ ଅନୁପାଳନ ଉଲ୍ଲଙ୍ଘନ କରାଯାଇଆସୁଥିବା ବେଳେ ଶ୍ରମ ବିଭାଗ ପକ୍ଷରୁ ନିୟମିତ ଏହାର ତଦାରଖ ମଧ୍ୟ ହେଉନାହିଁ।

**ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସିପିଏଚ୍‌ଇଓ ମାର୍ଗଦର୍ଶିକା କାଗଜକଲମରେ ସୀମିତ**

**ବିପଜ୍ଜନକ କାର୍ଯ୍ୟରେ ସୁରକ୍ଷା ସରଞ୍ଜାମ ଅଭାବ**

**ନିରବଦ୍ରଷ୍ଟା ସାଜିଛି ଶ୍ରମ ବିଭାଗ ଓ ସିଏମ୍‌ସି**

ଫଳରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ସଂସ୍ଥା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନ ଥିବା ଜଣାପଡ଼ିଛି। ଧାର୍ଯ୍ୟ ସର୍ତ୍ତ ଅନୁସାରେ ସଫେଇ କର୍ମଚାରୀମାନଙ୍କର ଚର୍ମରୋଗ କିମ୍ବା ଫିଟ୍ସ ଭଳି ରୋଗ ଅଛି କି ନାହିଁ ତାହାର ନିୟମିତ ପରୀକ୍ଷା କରାଯିବା କଥା। ମ୍ୟାନହୋଲ ଅଥବା ଅନ୍ୟ ସ୍ୱେରେଜ ଚାମ୍ବରରେ ପଶିବା ପୂର୍ବରୁ ହେଲମେଟ ସହ ହେଡଲାଇଟ, ଗମ୍ ବୁଟ୍, ୱାଟରପ୍ରୁଫ ପୋଷାକ, ଗ୍ଲୋବସ, ଅକ୍ସିଜେନ ସିଲିଣ୍ଡର ଆଦି ଦିଆଯିବା କଥା। ହେଲେ ଏ ସବୁ କାଗଜ କଲମରେ ସୀମିତ ରହିଯାଇଛି। ନିର୍ମାଣ ଶ୍ରମିକ ଅଥବା ହୋର୍ଡିଂ ଲଗାଉଥିବା ଶ୍ରମିକମାନେ ସୁରକ୍ଷା ବେଲଟ ଓ ହେଲମେଟ ପରିଧାନ କରିବା ନିତାନ୍ତ ଆବଶ୍ୟକ। ଘରୋଇ ଠିକା ସଂସ୍ଥା ଗୁଡିକ ସେମାନଙ୍କୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇଦେଉନାହାନ୍ତି। ମାଲମାଲ ଶ୍ରମିକ ଏହିଭଳି ବିପଜ୍ଜନକ ବିଭିନ୍ନ ଘରୋଇ ନିର୍ମାଣ କାର୍ଯ୍ୟ କରିଆସୁଛନ୍ତି। ଏ କ୍ଷେତ୍ରରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୂର କଥା ସଚେତନତା ସୃଷ୍ଟି କରାଯାଉନାହିଁ। ଏ ସମ୍ପର୍କରେ କଟକ ଜିଲ୍ଲା ଶ୍ରମ ଅଧିକାରୀଙ୍କ କହିବାନୁସାରେ ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ନିଆଯାଉଛି। ଆଗକୁ ଶ୍ରମିକମାନଙ୍କ ନିରାପତ୍ତା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯିବ ବୋଲି ଅଧିକାରୀ କୁହନ୍ତି।

## ବୋର୍ଡ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ରକ୍ତଦାନ ଶିବିର



**କଟକ, ୩।୪(ସମିସ):** ପବିତ୍ର ଉତ୍କଳ ଦିବସ ଅବସରରେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍କୁଲର ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଦିନକ ମଧ୍ୟରେ ମୋଟ ୧୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିରରେ ଏସସିବି ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କର ଡା. ରାଜେଶ କୁମାର ଷଡ଼ଙ୍ଗୀ ଓ ଡା. ସ୍ୱପ୍ନିଲ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ପୂର୍ବତନ ସଭାପତି ରମାଶିଷ ହାଜରା, ପୁରାତନ ଛାତ୍ର ସଂସଦର ସଭାପତି ନିଶିକାନ୍ତ ମିଶ୍ର ଏବଂ ପ୍ରଧାନଶିକ୍ଷକ ଅଶୋକ ଶତପଥୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ, ଡାକ୍ତର ସରୋଜ ତ୍ରିପାଠୀ, ଡ. ଶ୍ରଦ୍ଧାଞ୍ଜଳି ପଣ୍ଡା, ଡା. ଅମିୟ ରଞ୍ଜନ ମହାପାତ୍ର, ନିରଞ୍ଜନ ସାହୁ, ବିମଳ ସାହୁ, ବିକାଶ ଚନ୍ଦ୍ର ବେହେରା, ରଶ୍ମି ରଞ୍ଜନ ସ୍ୱାଇଁ, କୈଳାଶ ଚନ୍ଦ୍ର ଶତପଥୀ, ସମୀର ପରିଜା, ତ୍ରିଦିବ ମହାନ୍ତି, ଚିନ୍ମୟ ଆଚାର୍ଯ୍ୟ, ସନ୍ଦୀପ ମହାପାତ୍ର, ମନୋଜ ସାହୁ, ସ୍ୱାଗତିକା ବେହେରା, ଦେବାଦୀପ୍ତା ସ୍ୱାଇଁଙ୍କ ସମେତ ଶତାଧିକ ଶିକ୍ଷାବିତ୍ ଓ ସମାଜସେବୀ ସହଯୋଗର ହାତ ବଢ଼ାଇଥିଲେ। ରକ୍ତଦାନ ଭଳି ମହତ କାର୍ଯ୍ୟ ମାଧ୍ୟମରେ ଉତ୍କଳ ଦିବସକୁ ସ୍ମରଣୀୟ କରିବା ସହ ଆଗାମୀ ଦିନରେ ମଧ୍ୟ ଏପରି ଜନହିତକର କାର୍ଯ୍ୟ ଜାରି ରହିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

**୧୩୭ ୟୁନିଟ୍ ରକ୍ତ ସଂଗୃହୀତ**

## କଟକ ନଗର କଂଗ୍ରେସ ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୩।୪(ସମିସ):** କଟକ ନଗର (ଜିଲ୍ଲା) କଂଗ୍ରେସ କମିଟିର ନବନିଯୁକ୍ତ ସଭାପତି ତଥା ଆଇନଜୀବୀ ଶାନ୍ତାୟନ ମିଶ୍ରଙ୍କ ନେତୃତ୍ୱରେ ଆଜି ସ୍ୱରାଜ ଆଶ୍ରମରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକର କଂଗ୍ରେସ କର୍ପୋରେଟର ବୃନ୍ଦ ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ପରେ ନିମଚୌଡ଼ିସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ସମସ୍ତେ ଏକତ୍ରିତ ହୋଇ ଆଗାମୀ ଦିନରେ କଟକବାସୀଙ୍କ ମୌଳିକ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରିବା ସହ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ଏକମତ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, କର୍ପୋରେଟର ସନ୍ତୋଷ ଭୋଳ, ଜେ. କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ପିସିସି ବରିଷ୍ଠ ନେତା ବିଶ୍ୱଜିତ ଦାସ, ଅମୃତା ଦାସ, ଯୁବ କଂଗ୍ରେସ ସଭାପତି ବିପ୍ଲବ ଶିଳାଦିତ୍ୟ, ରାଜେନ୍ଦ୍ର ପଟ୍ଟନାୟକ, ଜଗନ୍ନାଥ ସାହୁ, ପ୍ରଦୀପ ପ୍ରଧାନ, ହରିଶଙ୍କର ରାଉତ, ରାଜୀବ ମହାନ୍ତି, ହରେନ ଦାସ, ଶିବ ଅଗ୍ରୱାଲ, ସୟଦ ଏକାମ୍ରଲ୍ ହୁସନ, ସୁଲେମାନ ବକ୍ସ, ବିଭୂତି ଦାସ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ଆଇନଜୀବୀ ବିଶ୍ୱରଞ୍ଜନ ମହାରଥା, ଆଲୋକ ନନ୍ଦ, ରଞ୍ଜନ ନାୟକ, ଜ୍ଞାନେନ୍ଦୁ ଭୂଷଣ ନାୟକ, ପ୍ରଦୀପ୍ତ ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଉମାକାନ୍ତ ସାହୁ, ପ୍ରଦୀପ୍ତ ପଲାଇ, ସଞ୍ଜୟ କୋୟଲ ପ୍ରମୁଖ ଉପସ୍ଥିତ ଥିଲେ।



**ସହରରେ ଅଦିନିଆ ବର୍ଷା**

## ମୋ କଟକ ସୁରକ୍ଷା ମଞ୍ଚର ସମ୍ବର୍ଦ୍ଧନା ଓ ବନ୍ଧୁମିଳନ




**କଟକ, ୩।୪(ସମିସ):** କଟକ ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ 'ମୋ କଟକ ସୁରକ୍ଷା ମଞ୍ଚ' ପକ୍ଷରୁ ବାର୍ଷିକ ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମେୟର ସୁବାସ ସିଂହ ଓ ମୁଖ୍ୟବକ୍ତା ଭାବେ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ସୁବାସ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସିଂହ, ବ୍ରଜ ନନ୍ଦ ଓ ସେକ୍ କଲ୍ଲିମୁଲ୍ଲା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚର ଉପଦେଷ୍ଟା ଦେବକୁମାର ନାଥ, କ୍ଷୀରୋଦ ସାହୁ ଏବଂ ସୁବ୍ରତ ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମାଜିକ ଓ ମୌଳିକ ଅଧିକାରର ସୁରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଅବସରପ୍ରାପ୍ତ ଶିକ୍ଷକ ସାରଦାପ୍ରସାଦ ଶତପଥୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ, କର୍ପୋରେଟର, ସାମ୍ବାଦିକ, ମାନବାଧିକାର କର୍ମୀ ଏବଂ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ କୁମାର ଜାନୁଙ୍କ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିଥିଲା। ଜ୍ୟୋତିକ୍ଷା ସାହୁ, ସୌମ୍ୟଜିତ ରାୟ ଓ ବିଶ୍ୱଜିତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମଞ୍ଚ ସଭାପତି ଅକ୍ଷୟ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀରାମଚନ୍ଦ୍ର ଭବନରେ ସାରସ୍ୱତ ସମାରୋହ



**କଟକ, ୩।୪(ସମିସ):** ପବିତ୍ର ଉତ୍କଳ ଦିବସ ଅବସରରେ କଟକର ଐତିହାସିକ ଶ୍ରୀରାମଚନ୍ଦ୍ର ଭବନଠାରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା (କଟକ ମହାନଗର ଶାଖା) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରାବନ୍ଧିକ ପୁଣ୍ୟବିନୟ ଦାସଙ୍କ ସମ୍ବାଦ-ସାହିତ୍ୟ ଆଧାରିତ ପୁସ୍ତକ 'ତର୍କର ସଙ୍ଗୀତ' ଉନ୍ମୋଚିତ ହେବା ସହ ଏକ କବିତା ଆସର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ 'ଉତ୍କଳୀୟ ସଂସ୍କୃତି ଓ ଭାରତୀୟ ପରମ୍ପରା' ଶୀର୍ଷକ କବିତା ସନ୍ଧ୍ୟାରେ ବରିଷ୍ଠ କବି ବିପିନ ବିହାରୀ ରାଉତ, ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଓ ଡଃ ରେଖା ପଣ୍ଡା ଯୋଗଦେଇ ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ରମ୍ୟରଚକ ଡଃ ନାରାୟଣ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ଅଧ୍ୟକ୍ଷ ଡଃ ଅଭୟ କୁମାର ନାୟକ ଯୋଗଦେଇ 'ତର୍କର ସଙ୍ଗୀତ' ପୁସ୍ତକର ବିଷୟବସ୍ତୁ ଉପରେ ଗଭୀର ବିଶ୍ଳେଷଣ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରସନ୍ନ କୁମାର ସ୍ୱାଇଁ ଓ ଡ. ନିରୋଦ କୁମାର ମନ୍ତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡଃ ସୁଧାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଗାଳ୍ପିକ ରବିନାରାୟଣ ଦାଶ, ଡଃ ଅମିୟ ରଞ୍ଜନ ମହାପାତ୍ର, ସୁବାସ ହୋତାଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ପରିଷଦର ସଂଗଠନ ମନ୍ତ୍ରୀ ନାରାୟଣ ନାୟକଙ୍କ ମାର୍ଗଦର୍ଶନରେ ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପାଦିତ ହୋଇଥିଲା। ଅଧ୍ୟାପକ ମଣ୍ଟୁ ଜେନା, ଡ. ଅମୂଲ୍ୟ ମହାନ୍ତି ଓ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଲୋକାର୍ପିତ ହେଲା ପୁସ୍ତକ 'ତର୍କର ସଙ୍ଗୀତ'**

## ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ




**କଟକ, ୩।୪(ସମିସ):** ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ପକ୍ଷରୁ ସାରା ଦେଶରେ ପରିଚାଳିତ 'ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ' ଅଧୀନରେ ତିନିଘରିଆ କ୍ଲଷ୍ଟରସ୍ତରୀୟ ଏକ ଦିବସୀୟ କ୍ରୀଡ଼ା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଧରପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ମହାନ୍ତି ଓ ପରିଚାଳନା କମିଟି ସଦସ୍ୟା ମମତା ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତିନିଘରିଆ କ୍ଲଷ୍ଟରର ବିଦ୍ୟାଧରପୁର ହରିଜନ ସାହି, ତିନିଘରିଆ ପ୍ରାଇମେରୀ, ବେଲେଶ୍ୱର ପ୍ରକଳ୍ପ ଉଚ୍ଚ ପ୍ରାଥମିକ, କନ୍ହେଇପୁର ଭଦିମୂଳ ପ୍ରାଥମିକ ଏବଂ ବିଦ୍ୟାଧରପୁର ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ କ୍ଲଷ୍ଟର ସିଆର୍‌ସିସି ଲକ୍ଷ୍ମୀପ୍ରିୟା ରାଉତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସୁପ୍ରିୟା ସେନାପତି ଓ କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ରାୟ ଖେଳ ପରିଚାଳନା କରିଥିଲେ। ଗୀତାଞ୍ଜଳି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବିଶ୍ୱଜିତ୍ ଜେନା, ସୁଶାନ୍ତ ପରିଡ଼ା, ଜୟଶ୍ରୀ ମହାପାତ୍ର ଏବଂ ସାଗ୍ନିକା ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ପାରମ୍ପରିକ ପୋଷାକ ପରିଧାନ ଦିବସ' ପାଳିତ




**କଟକ, ୩।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ପାରମ୍ପରିକ ପୋଷାକ ପରିଧାନ ଦିବସ' ଅନୁଷ୍ଠିତ ହୋଇଯାଇଛି। "ଆମ ପୋଷାକ ଆମ ପରିଚୟ" ସ୍ଲୋଗାନକୁ ସାର୍ଥକ କରି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବଲପୁରୀ, ସୋନପୁରୀ, କୋଟପାଡ଼, ମାଣିଆବନ୍ଧ ଓ ବୋମକାଇ ଭଳି ରାଜ୍ୟର ବିଭିନ୍ନ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ ଯେ ଆମ ବସ୍ତ୍ର ହିଁ ଆମର ସ୍ୱାଭିମାନ। ଓଡ଼ିଶାର ହସ୍ତତନ୍ତ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଦୈନନ୍ଦିନ ଜୀବନରେ ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଆମର ବୁଣାକାର ସମାଜ ଓ ଗ୍ରାମ୍ୟ ଅର୍ଥନୀତି ସଶକ୍ତ ହେବା ସହ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତେ ଅଂଶୀଦାର ହୋଇପାରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଏହି ଦିବସ ପାଳିତ ହୋଇଛି। ନିଜ ସଂସ୍କୃତି ପ୍ରତି ସମ୍ମାନ ବୃଦ୍ଧି କରିବା ଏବଂ ଏହି ପରମ୍ପରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଏହା ଏକ ପ୍ରୟାସ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଖ୍ରୀଷ୍ଟ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ୫୦ ବର୍ଷ ପୂର୍ତ୍ତି




**କଟକ, ୩।୪(ସମିସ):** ଖ୍ରୀଷ୍ଟ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ନୂତନ ଦିଗନ୍ତ ଉପରେ ଆଲୋକପାତ କରାଯାଇଥିଲା। ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ଆଇକେନ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ବରିଷ୍ଠ ବୈଜ୍ଞାନିକ ତଥା କଲେଜର ପ୍ରାକ୍ତନ ଛାତ୍ର ଡ. ପ୍ରତ୍ୟୁଷ କୁମାର ଦାସ ଯୋଗଦେଇଥିଲେ। ସେ "ଚିକେନଗୁନିଆ ଓ ରୁବେଲା ସଂକ୍ରାମକ ଭୂତାଣୁ ପରିପ୍ରେକ୍ଷୀରେ ଆର୍‌ଏନ୍‌ଏ ଭାଇରସର ଉତ୍ପତ୍ତି" ସମ୍ପର୍କରେ ନିଜର ଗବେଷଣାଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ସେ ଦର୍ଶାଇଥିଲେ ଯେ କିଭଳି ଭାବେ ଏହି ଭୂତାଣୁଗୁଡ଼ିକ ନିଜର ବଂଶବୃଦ୍ଧି କରି ମାନବ ଶରୀରକୁ ସଂକ୍ରମିତ କରିଥାନ୍ତି। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ. ବନ୍ଦିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରରେ ପ୍ରାକ୍ତନ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଏବଂ ଏଷ୍ଟୋନିଆ ଜୀବବିଜ୍ଞାନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କାଡ଼ି ପାମିକ୍ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଡ. ସଞ୍ଜିତ୍ ବିଶ୍ୱାସ, ଡଃ ଆନନ୍ଦିନୀ ରାଉତ ଓ ଡଃ ଭବଜିତ୍ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ।

**କଟକରେ ବେଧଡ଼କ ଚାଲିଛି 'କୋଚିଂ ବ୍ୟବସାୟ'**

# ଆବାସିକ ଗୃହରେ ବେଆଇନ ଶିକ୍ଷାନୁଷ୍ଠାନ

**କଟକ, ୩।୪(ସମିସ)**

କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଏବେ ଶିକ୍ଷାଦାନ ନାଁରେ ବେଆଇନ ବ୍ୟବସାୟର ଜାଲ ବିଛାଯାଇଛି। ସହରର ବିଭିନ୍ନ ଆବାସିକ ଗୃହକୁ ବେଆଇନ ଭାବେ କୋଚିଂ ସେଣ୍ଟର ଓ ଘରୋଇ ଟ୍ୟୁଟୋରିଆଲ ଭାବେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ବିଶେଷ କରି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ବିଭିନ୍ନ ସେକ୍ଟରରେ ବାସପଯୋଗୀ ପ୍ଲଟ୍‌ରେ ନିୟମ ଉଲ୍ଲଙ୍ଘନ କରି ମାଳ ମାଳ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି। ସରକାରୀ ତଥ୍ୟ ଅନୁଯାୟୀ, ସହରରେ ଏଭଳି ପ୍ରାୟ ୧୫୦ରୁ ଅଧିକ ପ୍ରତିଷ୍ଠାନ ରହିଛି, ଯାହା ସିଧାସଳଖ ଓଡ଼ିଶା ମ୍ୟୁନିସିପାଲ ଆଇନକୁ ଉଲ୍ଲଂଘନ କରୁଛି। ଏହି କୋଚିଂ ସେଣ୍ଟର ଗୁଡ଼ିକର ନିଜସ୍ୱ ପାର୍କିଂ ସ୍ଥାନ ନାହିଁ। ଫଳରେ ଏଠାକୁ ପଢ଼ିବାକୁ ଆସୁଥିବା ହଜାର ହଜାର ଛାତ୍ରଛାତ୍ରୀ ମୁଖ୍ୟ ରାସ୍ତା କଡ଼ରେ ଗାଡ଼ି ଓ ସାଇକଲ ପାର୍କିଂ କରୁଛନ୍ତି। ଏହାଦ୍ୱାରା ସହରରେ କୃତ୍ରିମ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ଏବଂ ସାଧାରଣ ପଥିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡ଼ରେ ଏଭଳି ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ପାଇଁ ଅନୁମତି କିଏ ଦେଉଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରତିଷ୍ଠାନଗୁଡ଼ିକ ନିଜ ସାମ୍ନାରେ କୌଣସି ସୂଚନାଫଳକ ବା ସାଇନବୋର୍ଡ ଲଗାଉନାହାନ୍ତି। ଫଳରେ ବାହାରୁ ଏହା ଏକ ସାଧାରଣ ବାସଗୃହ ପରି ଜଣାପଡୁଥିଲେ ମଧ୍ୟ ଭିତରେ ବ୍ୟବସାୟିକ କାର୍ଯ୍ୟକଳାପ ଚାଲିଛି। ସୂଚନାଫଳକ ନ ଥିବାରୁ ପ୍ରଶାସନ ଏଗୁଡ଼ିକୁ ସହଜରେ ଚିହ୍ନଟ କରିପାରୁନାହିଁ। ଏହି କାରଣରୁ ଏହି ଗୃହଗୁଡ଼ିକୁ 'ବ୍ୟବସାୟିକ ହୋଲଡିଂ' ତାଲିକାରେ ସାମିଲ କରାଯାଇପାରୁନାହିଁ, ଯାହାଫଳରେ ସିଏମସି ପ୍ରତିବର୍ଷ ବିପୁଳ ପରିମାଣର ରାଜସ୍ୱ ହରାଉଛି। ଅତୀତରେ ସିଡିଏ ପକ୍ଷରୁ କେତେକ ପ୍ରତିଷ୍ଠାନକୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ସିଡିଏ ଠାରୁ ବାସଗୃହ ପାଇଁ ପ୍ଲଟ୍ ନେଇ ଲୋକେ ଏହାକୁ ମୋଟା ଅଙ୍କର ଭଡ଼ା ବଦଳରେ କୋଚିଂ ମାଫିଆଙ୍କୁ ଟେକି ଦେଇଛନ୍ତି। ପ୍ରଶାସନର ଏହି ଆଖିବୁଜା ନୀତି ଯୋଗୁଁ ସହରରେ ଶିକ୍ଷା ନାଁରେ ଚାଲିଥିବା ଏହି ବ୍ୟବସାୟିକ ମାଳମାଳ କୋଚିଂ ସେଣ୍ଟର ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**ସିଏମ୍‌ସି ହରାଉଛି ଲକ୍ଷ ଲକ୍ଷ ରାଜସ୍ୱ**

**ବିନା ସୂଚନାଫଳକରେ ଚାଲୁଛି ୧୫୦ରୁ ଅଧିକ ସେଣ୍ଟର**

**ପାର୍କିଂ ସ୍ଥାନ ନ ଥିବାରୁ ସହରରେ ଉତ୍କଟ ଟ୍ରାଫିକ ସମସ୍ୟା**



## ନିରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ

# ଦଲାଲଙ୍କ ଜାଲରେ ଉଜ୍ଜ୍ୱଳା ଉପଭୋକ୍ତା

- ହୋଟେଲ ଓ ଫାଷ୍ଟଫୁଡ୍ ସେଣ୍ଟରରେ ଉଜ୍ଜ୍ୱଳା ସିଲିଣ୍ଡର
- ଗ୍ରାମାଞ୍ଚଳରୁ ସହରକୁ ଲମ୍ବିଛି ଚୋରା କାରବାରର ଚେର
- ଦଲାଲଙ୍କ ଜରିଆରେ ବେଧଡ଼କ ଚାଲିଛି କଳାବଜାରୀ
- ୩ ହଜାର ଟଙ୍କାରେ ବିକ୍ରି ହେଉଛି ଘରୋଇ ଗ୍ୟାସ



କଟକ, ୩।୪(ସମିସ): କଟକ ଜିଲ୍ଲାରେ ଏଲ୍‌ପିଜି ସିଲିଣ୍ଡରର କଳାବଜାରୀ ଏବେ ଚରମ ସୀମାରେ ପହଞ୍ଚିଛି। ସାଧାରଣ ଲୋକଙ୍କୁ ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଇବା ପାଇଁ ଜିଲ୍ଲାପାଳ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ହେଁ, ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବିଶେଷକରି ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ସ୍ଥିତିର ଆଳ ଦେଖାଇ ଦଲାଲମାନେ ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଏକ ସଂଗଠିତ ଚୋରା କାରବାର ଚଳାଇଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ, ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ 'ଉଜ୍ଜ୍ୱଳା ଯୋଜନା'ର ସିଲିଣ୍ଡର ଏବେ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ ଓ ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକରେ ବହୁଳ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ଉଜ୍ଜ୍ୱଳା ଉପଭୋକ୍ତାମାନେ ପୂର୍ବରୁ ସିଲିଣ୍ଡର ରିଫିଲ୍ କରୁ ନ ଥିବା ବେଳେ, ଏବେ ଦଲାଲଙ୍କ ପ୍ରରୋଚନାରେ ସମସ୍ତେ ସିଲିଣ୍ଡର ବୁକିଂ କରୁଛନ୍ତି। ଦଲାଲମାନେ ଖାଉଟିଙ୍କୁ ସିଲିଣ୍ଡର ପିଛା ଅତିରିକ୍ତ ୫୦୦ ଟଙ୍କା ଲୋଭ ଦେଖାଇ ପ୍ରାୟ ୧୫୦୦ ଟଙ୍କାରେ ସିଲିଣ୍ଡର କିଣି ନେଉଛନ୍ତି। ପରବର୍ତ୍ତୀ ସମୟରେ ଏହି ଘରୋଇ ସିଲିଣ୍ଡରଗୁଡ଼ିକୁ କଟକ ସହରକୁ ଅଣାଯାଇ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ଅଢ଼େଇରୁ ୩ ହଜାର ଟଙ୍କାରେ ବିକ୍ରି କରାଯାଉଛି। କମର୍ସିଆଲ ସିଲିଣ୍ଡର (୧୯ କେଜି) ର ଦର ଘରୋଇ ସିଲିଣ୍ଡର ତୁଳନାରେ ଅଧିକ ହୋଇଥିବାରୁ, ବ୍ୟବସାୟୀମାନେ ଅଧିକ ମୁନାଫା ଆଶାରେ ଏହି ଚୋରା ସିଲିଣ୍ଡରକୁ ଆପଣେଇ ନେଉଛନ୍ତି। ସହରର ବିଭିନ୍ନ ଗଳିକନ୍ଦିରେ ଥିବା ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକରେ ଦିନ ଦ୍ୱିପ୍ରହରରେ ଘରୋଇ ସିଲିଣ୍ଡର ବ୍ୟବହାର ହେଉଥିଲେ ହେଁ ଯୋଗାଣ ବିଭାଗ କିମ୍ବା ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ କୌଣସି କଡ଼ା ଚଢ଼ଉ କରାଯାଉ ନାହିଁ। ଏହି ଚୋରା କାରବାର ଯୋଗୁଁ ସରକାରୀ ରିହାତିର ଅପବ୍ୟବହାର ହେବା ସହ ପ୍ରକୃତ ହିତାଧିକାରୀମାନେ ଗ୍ୟାସ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି କଳାବଜାରୀ ଉପରେ ରୋକ୍ ନ ଲଗାଗଲେ ଆଗାମୀ ଦିନରେ ସାଧାରଣ ଖାଉଟିମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

● ୨୦ରେ ଚନ୍ଦନଯାତ୍ରା; ଚାପ ଖେଳିବେ ଲିଙ୍ଗରାଜ

# ବିନ୍ଦୁସାଗରରୁ ବାହାରିଲା ଡଙ୍ଗା



ଭୁବନେଶ୍ୱର, ୩।୪(ସମିସ): ଆସନ୍ତା ୨୦ ତାରିଖରେ ଚନ୍ଦନଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ବିନ୍ଦୁ ସାଗରରେ ଚାପ ଖେଳିବେ ଶ୍ରୀଲିଙ୍ଗରାଜ। ଏଣୁ ଦିଅଁଙ୍କ ଚାପଖେଳ ନିମନ୍ତେ ପ୍ରସ୍ତୁତ ଆରମ୍ଭ ହୋଇଛି। ପରମ୍ପରା ମୁତାବକ ବିନ୍ଦୁ ସାଗରରେ ବୁଡ଼ା ଯାଇଥିବା ଡଙ୍ଗାକୁ ଶୁକ୍ରବାର ବାହାର କରାଯାଇଛି। ଚନ୍ଦନ ଯାତ୍ରାରେ ବିନ୍ଦୁସାଗର ପୁଷ୍କରିଣୀରେ ଲିଙ୍ଗରାଜ, ପାର୍ବତୀ, ଦୁର୍ଗା, ବାସୁଦେବ ଚାପ ଖେଳିଥାନ୍ତି। ୨୨ ଦିନ ଧରି ଚାପ ଖେଳ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ପନ୍ଦରଦିନ ଆଗରୁ ବିନ୍ଦୁସାଗର ପୁଷ୍କରିଣୀରୁ କୈବର୍ତ୍ତ ସେବାୟତମାନେ ଚାପ ଡଙ୍ଗା ବାହାର କରିଛନ୍ତି। ଖୁବ୍ ଶିଘ୍ର ଏହି ଡଙ୍ଗା କାର୍ଯ୍ୟ ଆରମ୍ଭ କରାଯିବ।

ରୁକୁଣା ରଥଯାତ୍ରାରେ ପାର୍ବତୀଙ୍କୁ ସାଙ୍ଗରେ ନନେଇ ଥିବାରୁ ମା ପାର୍ବତୀ ରୋଷ କରିଥିବେ। ଏଥିସହିତ ଲିଙ୍ଗରାଜ ରଥରୁ ମନ୍ଦିରକୁ ବାହୁଡିବା ବେଳେ ମା ପର୍ବତୀ ଦ୍ୱାର ବନ୍ଦ କରିଦେଇଥାନ୍ତି। ସେହି ସମୟରେ ଲିଙ୍ଗରାଜ ମହାପ୍ରଭୁ ପାର୍ବତୀଙ୍କୁ ବଚନିକା ଦିଅନ୍ତି ଯେ ଅକ୍ଷୟ ତୃତୀୟାଠାରୁ ବିନ୍ଦୁ ସାଗରରେ ଅନୁଷ୍ଠିତ ହେବାକୁ ଥିବା ଚନ୍ଦନଯାତ୍ରାରେ ସାଙ୍ଗରେ ନେବେ। ପରେ ପାର୍ବତୀ ଦ୍ୱାର ଫିଟାଇଥାନ୍ତି। ଏହି ପରିପ୍ରେକ୍ଷୀରେ ବିନ୍ଦୁସାଗରରେ ଲିଙ୍ଗରାଜଙ୍କ ସହିତ ପାର୍ବତୀ ଚାପ ଖେଳିଥାନ୍ତି।

## ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ; ଲୋକେ ଆତଙ୍କିତ



ଚୌଦ୍ୱାର, ୩।୪(ସମିସ): ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ରେ ଥିବା ପୌରପାଳିକାର ଡମ୍ପିଂ ୟାର୍ଡରେ ଶୁକ୍ରବାର ସକାଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏଭଳି ଅଗ୍ନିକାଣ୍ଡ ଦେଖି ୟାର୍ଡ ପାଖାପାଖି ଅଞ୍ଚଳରେ ବାସ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଚୌଦ୍ୱାର ଦମକଳ ବାହିନୀ ଅଧିକାରୀ ସୌରଭ ରାଉତଙ୍କ ନେତୃତ୍ୱରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟା ଧରି ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। କୌଣସି ଦୁର୍ବୃତ୍ତ ୟାର୍ଡରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଡମ୍ପିଂୟାର୍ଡଟି ପ୍ରତିରକ୍ଷା ବିଭାଗର ଚୌଦ୍ୱାର ଏଆରସିର ପାଚେରୀ ନିକଟରେ ହୋଇଥିବାରୁ ନିଆଁର ଭୟାବହତା ଦେଖି ଏଆରସି ଅଧିକାରୀମାନେ ଘଟଣାସ୍ଥଳକୁ ଚାଲି ଆସିବା ସହିତ ଏଆରସିର ନିଜସ୍ୱ ଦମକଳ ବାହିନୀକୁ ପାଚେରୀ ନିକଟରେ ମୁତୟନ କରିଥିଲେ।

## ଓଡ଼ିଶୀ ଗବେଷଣା କେନ୍ଦ୍ରରେ ସାଂସ୍କୃତିକ ସନ୍ଧ୍ୟା

ଭୁବନେଶ୍ୱର, ୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଶୁକ୍ରବାର 'ଛାନ୍ଦ ଓ ଚମ୍ପୂ'କୁ ନେଇ ଏକ ବିଶେଷ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଛାନ୍ଦ ଓ ଚମ୍ପୂ ହେଉଛି ଓଡ଼ିଆ ସ୍ୱାଭିମାନର ପ୍ରତୀକ। ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ଆମକୁ ଅନ୍ତର୍ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ଛାନ୍ଦ, ଚମ୍ପୂ, ଚଉତିଶା ଆଦିକୁ ନେଇ ଆମେ ସର୍ବଦା ଗର୍ବିତ ଅନୁଭବ କରିଥାଉ। ତେଣୁ ଆମ ଯୁବ ସଙ୍ଗୀତଜ୍ଞମାନେ ଭବିଷ୍ୟତରେ ଯେପରି ଆମର ଏହି ସମୃଦ୍ଧ ସଙ୍ଗୀତ ପରମ୍ପରାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶିତ କରିବେ, ସେ ଦିଗରେ ଗୁରୁତ୍ୱାରୋପ କରିବା ଉଚିତ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପ୍ରଫେସର ଗୁରୁ ରାମହରି ଦାସ, ଉର୍ମିଳା ପ୍ରଧାନ, ଗୁରୁ କେଶବ ଚନ୍ଦ୍ର ରାଉତ, ଅନୁଜା ତାରିଣୀ ମିଶ୍ର, ଡ଼. ଧିରଜ କୁମାର ମହାପାତ୍ର, ପ୍ରଦୀପ କୁମାର ପଣ୍ଡା, ବିବେକାନନ୍ଦ ରାଉତ ପ୍ରମୁଖ ଛାନ୍ଦ ଓ ଚମ୍ପୂ ପରିବେଷଣ କରିଥିଲେ। ଏହି ଅବସରରେ ସମସ୍ତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ।

## ନାଟ୍ୟଧାରା ମଞ୍ଚରେ 'ପ୍ରତିପକ୍ଷ'

# ଆମେ ଆମକୁ ବାଣ୍ଟି ଚାଲିଲେ



ଭୁବନେଶ୍ୱର, ୩।୪(ସମିସ): ଆଜିର ସମାଜରେ ଆମେ ଆମକୁ ବାଣ୍ଟି ହୋଇଛେ ଦୁଇ ଭାଗରେ। ସବର୍ଣ୍ଣ ଆଉ ଅସବର୍ଣ୍ଣର ମୋହର ଲଗାଇ ଦେଇଛେ ଆମମାନଙ୍କ ପିଠିରେ। ଏବେ ସେଇ ସବର୍ଣ୍ଣ ଆଉ ଅସବର୍ଣ୍ଣ ପ୍ରତିପକ୍ଷ ହୋଇ ଠିଆ ହେଇଛନ୍ତି ପରସ୍ପର ଆଗରେ।

ଏମିତି କିଛି କାହାଣୀକୁ ନେଇ ନାଟକ ପ୍ରତିପକ୍ଷ ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ନାଟ୍ୟକାର ସ୍ୱର୍ଗତ କୈଳାସ ଶତପଥୀ ରଚିତ ଗଣେଶ୍ୱର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରଣତୀ କଳାମନ୍ଦିର, ପୁରୀ ପକ୍ଷରୁ ଏହି ନାଟକକୁ ପରିବେଷଣ କରାଯାଇଛି। ଏହି ଅବସରରେ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ନବୀନ କୁମାର ପରିଡ଼ା ଏବଂ ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମଞ୍ଚ ପରିଚାଳନା କରିଥିଲେ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ। ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯିବ ପରେ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାମ୍ରକ୍ଷେତ୍ରର ବିନ୍ଦୁସାଗରରେ ଆଳତି



ଭୁବନେଶ୍ୱର, ୩।୪(ସମିସ): ଚୈତ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ଶାନ୍ତି କମିଟି ଆନୁକୂଲ୍ୟରେ ୧୫ ତମ ବିନ୍ଦୁସାଗର ଆଳତି ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ବିଶ୍ୱଶାନ୍ତି ଓ ଲୋକ କଲ୍ୟାଣ ଉଦ୍ଦେଶରେ ସୂର୍ଯ୍ୟାସ୍ତ ସମୟରେ ବାବା ରାମ ନାରାୟଣଜୀ ମହାରାଜଙ୍କ ଦ୍ୱାରା ମହା ଆଳତି କରାଯାଇଥିଲା। ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଆଇନିଜିବୀ ବିଜୟ କୁମାର ପାତ୍ର କର୍ତ୍ତା ହୋଇଥିଲେ। ଅନୁଷ୍ଠାନର ସଭାପତି ଡ଼ ମଧୁମାଧବ ଜେନା, ଉପ ସଭାପତି ରାଜେନ୍ଦ୍ର ସାମର୍ଥ, ଉପଦେଷ୍ଟା ଡ଼ ନାରାୟଣ ମହାପାତ୍ର, ସମ୍ପାଦକ ନବକିଶୋର ବେହେରା, ସମାଜସେବୀ ଶୀଲଭଦ୍ର ଶାସ୍ତ୍ରୀ, ଦିଲ୍ଲୀପ ରାଓ, ବିଜୟ ମୋହନ ପଣ୍ଡା ବିଜୟ ମାର୍ଥା ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ବିନ୍ଦୁସାଗର ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ଜଳସ୍ତର ବୃଦ୍ଧି, ଓ ପାନୀୟ ଜଳ ରୂପେ ଗ୍ରହଣ କରାଯାଇ ପାରିବ ସମସ୍ତେ ମିଳିମିଶି ସହଯୋଗ କରିବାକୁ ଅନୁରୋଧ କରିଥିଲେ।

## ଚୌଦ୍ୱାରରେ ବଢୁଛି ଚୋରି, ନିଦରେ ପୁଲିସ

ଚୌଦ୍ୱାର, ୩।୪(ସମିସ): ଚୌଦ୍ୱାର ଅଞ୍ଚଳରେ ଗତ କିଛିଦିନ ହେଲା ଚୋରି ଓ ଲୁଟ୍‌ତରାଜ୍ ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ବେଧଡ଼କ ଭାବେ ଶିକ୍ଷାନୁଷ୍ଠାନ, ଦୋକାନ ଓ ଘରୁ ସାମଗ୍ରୀ ଲୁଟି ନେଉଥିବା ବେଳେ ସ୍ଥାନୀୟ ପୁଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କେବଳ ନାମକୁ ମାତ୍ର ଚାଲିଛି ବୋଲି ଚର୍ଚ୍ଚା ହେଉଛି। ବୁଧବାର ବିଳମ୍ବିତ ରାତିରେ ଚୋରମାନେ ଚୌଦ୍ୱାର କଲେଜ ପରିସରରେ ପଶି ଗୋପବନ୍ଧୁ କକ୍ଷରେ ଲାଗିଥିବା ନୂତନ ଏସି ମେସିନ୍ ଗୁଡ଼ିକର ତମ୍ବା ପାଇପ୍ କାଟି ନେଇଥିବା ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଧୂମାବତୀ ଛକସ୍ଥିତ ଏକ କଫି ବାରରୁ ବହୁ ସାମଗ୍ରୀ ଚୋରି ହୋଇଥିବା ମାଲିକ ବିଜୟାନନ୍ଦ ସାହୁ ଅଭିଯୋଗ କରିଥିବା ବେଳେ ବାଟବୁଢ଼ୀ କଲୋନୀର ଗୌରାଙ୍ଗ ଚରଣ ବିଶ୍ୱାଳ ଓ କାହ୍ନୁ ଚରଣ ଓଝାଙ୍କ ଘରୁ ମଧ୍ୟ ଏସି କମ୍ପ୍ରେସର ଓ ମୋବାଇଲ୍ ଫୋନ୍ ଲୁଟ୍ ହୋଇଛି। ଏପରିକି ପୌରପାଳିକା ପକ୍ଷରୁ କପାଳେଶ୍ୱର ନୂଆସାହି ଓ ଧୂମାବତୀ ଛକରେ ଲାଗିଥିବା ଜାତୀୟ ରାଜପଥ ଲାଇଟ୍ ମଧ୍ୟ ଚୋରିରୁ ବର୍ତ୍ତିନାହିଁ। ପୁଲିସ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରୁଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି। ଅଭିଯୋଗ ହେଉଛି ଯେ, ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ରାତିରେ ବିଭିନ୍ନ କ୍ଲବ୍ ଘର କିମ୍ବା ଗଛମୂଳରେ ପିସିଆର ଗାଡ଼ି ରଖି ଶୋଇ ପଡୁଛନ୍ତି।

## ଆକାଶବାଣୀ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୩।୪(ସମିସ): ବୟୋଜ୍ୟେଷ୍ଠ ସାହିତ୍ୟିକ ତଥା କଟକ ଆକାଶବାଣୀର ବରିଷ୍ଠ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କର ଆଜି ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା।



ସ୍ୱର୍ଗତ ମିଶ୍ର ୧୯୬୭ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ସେ ଓଡ଼ିଶାର ବହୁ ସରକାରୀ ହାଇସ୍କୁଲରେ ଶିକ୍ଷକତା କରିଛନ୍ତି। ଓଡ଼ିଆ ଲିପିରେ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'କୁ ପ୍ରସ୍ତୁତ କରିବା ସହ ତାର ପଦ୍ୟାନୁବାଦ ପ୍ରକାଶ କରି ସେ ପାଠକମାନଙ୍କ ଆଦର ଲାଭ କରିଛନ୍ତି। ଓଡ଼ିଶାର ପ୍ରସିଦ୍ଧ ଗାୟକମାନେ ଗାଇଥିବା ତାଙ୍କର ଗୀତିଗୁଡିକର ସଂକଳନ 'ବିଚିତ୍ର ପଦାବଳୀ' ଉଚ୍ଚ ପ୍ରଶଂସା ଲାଭ କରିଛି। ଏତଦବ୍ୟତୀତ ଆହୁରି ୭ଟି କାବ୍ୟଗ୍ରନ୍ଥର ରଚୟିତା ରୂପେ ସେ ମନେ ରହିବେ। ଖୋର୍ଦ୍ଧା ଜିଲ୍ଲା ହଳଦିଆ ପଞ୍ଚାୟତର ଭଗବାନପୁର ଶାସନ ଗ୍ରାମରେ ଜନ୍ମ ନେଇଥିବା ସ୍ୱର୍ଗତ ମିଶ୍ର ପଛରେ ତାଙ୍କ ପତ୍ନୀ, ୪ ପୁଅ ଓ ୪ ଝିଅଙ୍କୁ ଛାଡି ଯାଇଛନ୍ତି। ମୃତ୍ୟୁ ବେଳକୁ ପାଖରେ ତାଙ୍କର ପତ୍ନୀ ପଙ୍କଜିନୀ ମିଶ୍ର ଏବଂ ପୁଅ ଶାନ୍ତିନିକେତନର ପ୍ରଫେସର ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଅରୁଣ ରଞ୍ଜନ ମିଶ୍ର, ଡକ୍ଟର ଅନୁପ ରଞ୍ଜନ ମିଶ୍ର, ଡକ୍ଟର ଅନୁପ ରଞ୍ଜନ ମିଶ୍ର ଓ ଅସିତ ରଞ୍ଜନ ମିଶ୍ରଙ୍କ ସହ ସାନବୋହୂ ଓୟୁଏଟିର ଡକ୍ଟର ରାଜଶ୍ରୀ ରଥ ଉପସ୍ଥିତ ଥିଲେ।

## ମୋବାଇଲ୍ ଚୋର ଗିରଫ

କଟକ, ୨।୪(ସମିସ): ଏସ୍‌ସିବି ମେଡିକାଲରୁ ଆଜି ଜଣେ ମୋବାଇଲ୍ ଲୁଟେରାକୁ ଗିରଫ କରାଯାଇଛି। ଅଭିଯୁକ୍ତର ଘର ଢେଙ୍କାନାଳର ତୁମୁସିଙ୍ଗା ଥାନା ଅନ୍ତର୍ଗତ କଣ୍ଟିଓ ଗାଁରେ ହୋଇଥିବା ତା ନା'ଅଭୟ ପ୍ରଧାନ(୪୫)। ତା'ନିକଟରୁ ବିଭିନ୍ନ ବ୍ରାଣ୍ଡର ୮ଟି ମୋବାଇଲ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ୩ମାସ ହେବ ଅଭୟ ଏସସିବିର ବିଭିନ୍ନ ୱାର୍ଡରେ ବିନା କାରଣ'ରେ ବୁଲାବୁଲି କରେ। ସୁଯୋଗ ଦେଖି ରୋଗୀ ସମ୍ପର୍କୀୟ ଏବଂ ରୋଗୀଙ୍କ ମୋବାଇଲ୍ ଚୋରାଇ ନେଇ ଫେରାର୍ ହୋଇଯାଏ।

## ସୃଜନୀ ସନ୍ଧ୍ୟା ଓ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, ୩।୪(ସମିସ): ସିଟିଜେନ ଫୋରମ ଆନୁକୂଲ୍ୟରେ ମଞ୍ଚେଶ୍ୱର ରେଲୱେ କଲୋନୀସ୍ଥିତ ଗ୍ରୀନ ମଣ୍ଡପଠାରେ ସୃଜନୀ ସନ୍ଧ୍ୟା ଓ ପୁସ୍ତକ ଲୋକାର୍ପଣ ସମାରୋହରେ ଅନୁଷ୍ଠିତ ହୋଇଛି। ଫୋରମ ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଞ୍ଚାଳିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ସାମନ୍ତରାୟ ଏବଂ ସମ୍ମାନିତ ଅତିଥିଭାବେ ରମାଦେବୀ ମହିଳା ବିଶ୍ୱଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ଓ ଓଡ଼ିଆ ଭାଷା-ସାହିତ୍ୟର ପ୍ରଗତି, ପ୍ରକୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଜାତୀୟତାକୁ ଭାରତୀୟ ଚଳଚ୍ଚିତ୍ରର ଅବଦାନ' ଶୀର୍ଷକ ଆଧାରରେ ଫୋରମର ମୁଖପତ୍ର 'ଅଗ୍ରଗାମୀ' ଓ ଲେଖିକା ଉର୍ମିଳା ଆଚାର୍ଯ୍ୟଙ୍କ ଉପନ୍ୟାସ 'ରତ୍ନଗର୍ଭା' ଅତିଥି ମାନେ ଲୋକାର୍ପଣ କରିଥିଲେ। ସମ୍ପାଦକ ଜଗବନ୍ଧୁପାଣି ଅଗ୍ରଗାମୀ ଉପରେ ବକ୍ତବ୍ୟ ରଖିଥିଲାବେଳେ ଉର୍ମିମାଳା ଆଚାର୍ଯ୍ୟ ଲେଖକୀୟ ବକ୍ତବ୍ୟ ରଖିଥିଲେ। ଡ. ସଂଘମିତ୍ରା ଭଞ୍ଜ ଉପନ୍ୟାସ ରତ୍ନଗର୍ଭାର ସମୀକ୍ଷା କରିଥିଲେ। ସଂଗଠନର ଉପସଭାପତି ଜଗବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ଫୋରମ କଳାକାରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ସପ୍ତରଙ୍ଗ ସମ୍ମାନ' ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର. ୩।୪(ସମିସ): 'ମୃଦୁଗୁଞ୍ଜନ' ପକ୍ଷରୁ ଷଷ୍ଠ 'ସପ୍ତରଙ୍ଗ ସମ୍ମାନ' ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ, ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ଅଧିବେଶନ ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ବାଣୀ ମାଧବ ଓଡ଼ିଶୀ ନୃତ୍ୟରେ ଗ୍ରୀଷ୍ମ ଓ ବର୍ଷାର ଭାବକୁ ଚମତ୍କାର ଭାବରେ ପରିବେଷଣ କରିଥିଲେ। ପରେ ସସ୍ମିତା ବେହେରା ଓ ମୋନାଲିସା ଦାସଙ୍କ ଯୁଗଳବନ୍ଦୀରେ 'ଜଗତ ଜନନୀ ଦେବୀ', ଅନୁଷ୍ଠାନର ଗୋଷ୍ଠୀ ନୃତ୍ୟ 'ଶିବ ଓମ୍' ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଦଳଗତ ନୃତ୍ୟ ପରିବେଷଣ ଲୋକଙ୍କୁ ବିମୋହିତ କରିଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ଦଳଗତ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ନୃତ୍ୟ ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଶିଳ୍ପୀ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ଗୁରୁ ନିରଞ୍ଜନ ରାଉତ, ଗୁରୁ ବିଜୟ ଜେନା, ଅନୁଷ୍ଠାନର ଅଧ୍ୟକ୍ଷା ନମିତା କୁମାରୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଳା ଓ ସାଂସ୍କୃତିକ କ୍ଷେତ୍ରରେ ତାଙ୍କର ଉତ୍କୃଷ୍ଟ ଅବଦାନ ପାଇଁ ଗୁରୁ ପ୍ରଦୀପ କୁମାର ବିଶ୍ୱାଳ, ସଚ୍ଚିଦାନନ୍ଦ ଦାସ, ସୁକାନ୍ତ କୁମାର କୁଣ୍ଡୁ, ଗୁରୁ ସଦାଶିବ ପ୍ରଧାନ ଓ ବାଣୀ ମାଧବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ନମିତା କୁମାରୀ ଷଡ଼ଙ୍ଗୀ ଓ ସମ୍ପାଦିକା ରାଜଶ୍ରୀ ମହାପାତ୍ର ପରିଚାଳନା କରିଥିଲେ। ବିଶ୍ୱଜିତ ବାଲିଆରସିଂହ ମଞ୍ଚ ପରିଚାଳନା କରିଥିଲେ।

● ସୂଚନା କମିସନଙ୍କ ନିର୍ଦ୍ଦେଶ ଅବମାନନା

# ପିଆଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ଚୌଦ୍ୱାର ପୌରପାଳିକାକୁ ନିର୍ଦ୍ଦେଶ
- ଆବେଦନକାରୀଙ୍କୁ ତଥ୍ୟ ନ ଦେଇ ହଟହଟା ହେଲେ ଜନ ସୂଚନା ଅଧିକାରୀ



କଟକ, ୩।୪(ସମିସ): ସୂଚନା କମିସନଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ ନ କରିବା ଚୌଦ୍ୱାର ପୌରପାଳିକାର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ମହଙ୍ଗା ପଡ଼ିଛି। ଏହି ପ୍ରସଙ୍ଗରେ ଦାୟର ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ସମ୍ପୃକ୍ତ ପିଆଇଓଙ୍କ ବିରୋଧରେ ସୂଚନା ଅଧିକାର ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ମନୋରଞ୍ଜନ ସାହୁଙ୍କ ଆବେଦନର ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଚୌଦ୍ୱାର ପୌରାଞ୍ଚଳରେ ହେଉଥିବା କିଛି ନିର୍ଦ୍ଦିଷ୍ଟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆବେଦନକାରୀ ମନୋରଞ୍ଜନ ସାହୁ ୨୦୨୩, ମାର୍ଚ୍ଚ ୨୩ରେ ଆରଟିଆଇ ବଳରେ ତଥ୍ୟ ଲୋଡ଼ିଥିଲେ। ମାତ୍ର ପୌର ପରିଷଦର ପିଆଇଓ ତଥ୍ୟ ପ୍ରଦାନ ନ କରିବାରୁ ସେ ପ୍ରଥମେ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅପିଲ୍ କରିଥିଲେ। ସେଠାରେ କୌଣସି ସୁଫଳ ନ ମିଳିବାରୁ ସେ ରାଜ୍ୟ ସୂଚନା କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସୂଚନା କମିସନ ୨୦୨୫, ଅଗଷ୍ଟ ୬ରେ ମାମଲାର ରାୟ ପ୍ରକାଶ କରି ଅଗଷ୍ଟ ୩୧ ପୂର୍ବରୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବାକୁ ଚୌଦ୍ୱାର ପୌର ପରିଷଦ ପିଆଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କମିସନଙ୍କ ନିର୍ଦ୍ଦେଶକୁ ବେଖାତିର କରି ପିଆଇଓ ତଥ୍ୟ ପ୍ରଦାନ କରି ନ ଥିଲେ। ଏହାପରେ ଆବେଦନକାରୀ ସୂଚନା ଅଧିକାର ଆଇନର ଧାରା ୧୮ ଓ ୨୦ ଅନୁସାରେ ପିଆଇଓଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ୨୦୨୫, ଅକ୍ଟୋବର ୪ରେ କମିସନଙ୍କ ନିକଟରେ ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ନ୍ୟାୟ ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଶରଣାପନ୍ନ ହୋଇଥିଲେ। ହାଇକୋର୍ଟ ମାମଲାକୁ ଗମ୍ଭୀରତାର ସହ ନେଇ ଆସନ୍ତା ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ସମସ୍ତ ତଥ୍ୟ ଯୋଗାଇଦେବାକୁ ପୌରପାଳିକା ପିଆଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିୟମ ଉଲ୍ଲଂଘନକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରସଙ୍ଗରେ ବିଚାର କରି ନିଷ୍ପତ୍ତି ନେବାକୁ ସୂଚନା କମିସନଙ୍କୁ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆକାଶ ଭୂୟାଁ ମାମଲା ପରିଚାଳନା କରୁଥିଲେ।

ସକାଳ
THE SAKALA



# ଦୁଷ୍କର୍ମ ପୀଡ଼ିତାଙ୍କୁ ଫେଭର୍ ମାଗୁଛି ପୁଲିସ: ବିଜେଡି

ଭୁବନେଶ୍ୱର, ୩।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ୨୦୨୫ ଜୁନ୍‌ରେ ଘଟିଥିବା ବହୁଚର୍ଚ୍ଚିତ ଏକ ଦୁଷ୍କର୍ମ ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତାଙ୍କୁ ଏଯାଏଁ ନ୍ୟାୟ ମିଳିପାରିନାହିଁ। ପୀଡ଼ିତାଜଣଙ୍କ ବାରମ୍ବାର ପୁଲିସର ଦ୍ୱାରସ୍ଥ ହୋଇ ନିରାଶ ହୋଇଛନ୍ତି। ପୀଡ଼ିତାଙ୍କୁ ପୁଲିସ ନ୍ୟାୟ ଦେବା ବଦଳରେ ତାଙ୍କର ଶୋଷଣ କରିଛି ବୋଲି ସଂଗିନ୍ ଅଭିଯୋଗ କରିଛି ବିଜେଡି। ଏହାସହ ଏହି ଘଟଣାକୁ ଦଳ ତୀବ୍ର ନିନ୍ଦା କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ ବିଜୁ ଯୁବ ଜନତା ଦଳର ମହାସଚିବ ସୋଫିଆ ଆଲାମ ଏହି ଘଟଣାକୁ ନେଇ ରାଜ୍ୟ ସରକାର ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଠୋର୍ ସମାଲୋଚନା କରିଛନ୍ତି। ଇପ୍ସିତା କହିଛନ୍ତି, ୨୦୨୫ ମସିହାରେ ଦୁଷ୍କର୍ମର ଶିକାର ହୋଇଥିବା



ମହିଳାଙ୍କ ପାଖରୁ ଭରତପୁର ଥାନା ଏସ୍‌ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଳ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର୍ ସତୀଶ ରାଓ ତଦନ୍ତ ଆଳରେ ଟଙ୍କା ହଡ଼ପ କରିଛନ୍ତି। ଆସାମୀକୁ ଧରିବା ବାହାନରେ ବିମାନଯାତ୍ରା କରିବା ପାଇଁ ଟିକେଟ୍ ନେଇଛନ୍ତି। ବିଭିନ୍ନ ଆଳ ଦେଖାଇ ରାତି ଅଧରେ ତାଙ୍କୁ ନେଗେଟିଭ ଫେଭର୍ ମାଗିଛନ୍ତି। ଏ ସମସ୍ତ ଘଟଣାରୁ ଜଣାପଡୁଛି ଯେ ପୁଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନେଇଛି। ପୁଲିସ୍ ପାଖରୁ ନିରାଶ ହେବା ପରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ଏହି ଘଟଣାରେ ପୁଲିସ୍ ଡିଜି ଅବଗତ ଅଛନ୍ତି କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏତେ ସବୁ ନିର୍ଯାତନା ପରେ ଶେଷରେ ବାଧ୍ୟ ହୋଇ ମହିଳାଜଣଙ୍କ ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ। ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଛି। ତେଣୁ, ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ପୁଲିସ୍ ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କୃତ କରିବା ଏବଂ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ବିଜେଡି ଦାବି କରିଛି। ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଏ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ରାଜଗାଙ୍ଗପୁରରୁ ୬ ଡକାୟତ ଗିରଫ

ରାଉରକେଲା, ୩।୪(ସମିସ): ରାଜଗାଙ୍ଗପୁର ଥାନା ସୁରୁଡିହ ଗାଁରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୬ ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଛି। ସୂଚନାନୁଯାୟୀ, ରାଜଗାଙ୍ଗପୁର ଥାନା ସୁରୁଡିହ ଗାଁର ଏକ ନିଛାଟିଆ ସ୍ଥାନରେ ବସି ଏକ ବଡଧରଣର ଡକାୟତି ସହ ଘର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ୬ଜଣ ଡକାୟତଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଛୁରୀ, ଲଙ୍କା ଗୁଣ୍ଡ, ଗାମୁଛା, ୨ଟି ଲୁହାଛଡ ଜବତ କରାଯାଇଛି। ଚଢ଼ଉ ବେଳେ ଘଟଣାସ୍ଥଳରୁ ୨ ଜଣ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

# ଓଡ଼ିଶାକୁ ତଳିତଳାନ୍ତ କରିବାକୁ ଷଡ଼ଯନ୍ତ୍ର: ମାନସ



ଭୁବନେଶ୍ୱର, ୩।୪ (ସମିସ): କେନ୍ଦ୍ର ସରକାର ସବୁବେଳେ 'ପୂର୍ବୋଦୟ' ବିକାଶ କଥା କହୁଛନ୍ତି, ମାତ୍ର ବାସ୍ତବରେ ଏହା କାର୍ଯ୍ୟରେ ପ୍ରତିଫଳିତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ସେ କହିଛନ୍ତି ଯେ ରେଳବାଇ କ୍ଷେତ୍ରରେ ଓଡ଼ିଶା ସର୍ବଦା କେନ୍ଦ୍ର ଅବହେଳାର ଶିକାର ହୋଇଛି। ଓଡ଼ିଶାରେ ୩ଟି ନୂଆ ଡିଭିଜନ୍ ସ୍ଥାପନ ପାଇଁ ଦାବି ଏଯାଏଁ ଅପୂରଣୀୟ ରହିଛି। ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର ରେଳପଥ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ମାତ୍ର ଦେଶର ୧୭ ରେଳ ଜୋନ ମଧ୍ୟରେ ସର୍ବାଧିକ ରାଜସ୍ୱ ଦେଉଥିବା ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରିବାକୁ ଷଡ଼ଯନ୍ତ୍ର ହୋଇଛି। ପ୍ରଥମେ ୱାଲଟିୟର୍ ଡିଭିଜନ୍‌କୁ ପୂର୍ବତଟରୁ ବିଚ୍ଛିନ୍ନ କରିଦିଆଗଲା। ଏବେ ପଲାସା-ଇଚ୍ଛାପୁରମ୍ ସେକ୍ସନ୍‌ର ୯ ଷ୍ଟେସନ୍‌କୁ ଦକ୍ଷିଣତଟ ରେଳବାଇରେ ସାମିଲ ପାଇଁ ଯୋଜନା ଚାଲିଛି। କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ଓଡ଼ିଶାବାସୀଙ୍କ କ୍ଷତରେ ଏହା ଚୂନ ଲେପିବା ପରି ହୋଇଛି। କେନ୍ଦ୍ର ସରକାର ଓ ରେଳ ମନ୍ତ୍ରଣାଳୟ ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ଆବଶ୍ୟକ। ଏପରି ପ୍ରତାରଣାକୁ ରାଜ୍ୟବାସୀ କଦାପି ସହ୍ୟ କରିବେ ନାହିଁ ଓ ଉଚିତ ଜବାବ ଦେବେ ବୋଲି ମାନସ କହିଛନ୍ତି।

# ଇଣ୍ଡିଆ ସ୍କିଲ୍‌ସରେ 'ଟିମ୍ ଓଡ଼ିଶା' ଚାମ୍ପିଅନ

ଭୁବନେଶ୍ୱର, ୩।୪(ସମିସ): ଇଣ୍ଡିଆ ସ୍କିଲ୍‌ସ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମକ। ଉତ୍ତରପ୍ରଦେଶର ଗ୍ରେଟର୍-ନୋଏଡାଠାରେ ଅନୁଷ୍ଠିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣପଦକ ସହ ମୋଟ ୫୭ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ଏହାସହ 'ଟିମ୍ ଓଡ଼ିଶା' ୨୦୨୫-୨୬ ବର୍ଷର ଏହି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ପ୍ରତିଯୋଗୀମାନେ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୂପେନ୍ଦ୍ର ସିଂ ପୁନିଆ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ୍ ୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୫ଜଣ ସ୍ୱର୍ଣ୍ଣ, ୧୨ଜଣ ରୌପ୍ୟ ଏବଂ ୧୪ଜଣ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ସେହିପରି ୧୬ଜଣଙ୍କୁ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପରେ ବିଭାଗୀୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇଣ୍ଡିଆ ସ୍କିଲ୍‌ସ ପରି ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା'ର ଶ୍ରେଷ୍ଠ ପ୍ରଦର୍ଶନ ରାଜ୍ୟ ପାଇଁ ଗୌରବ ଆଣିଥିବା ସେ କହିଛନ୍ତି। ଚଳିତବର୍ଷ ନ୍ୟାସନାଲ ସ୍କିଲ୍ ଡେଭଲପମେଣ୍ଟ କାଉନସିଲ୍ (ଏନଏସଡିସି) ପକ୍ଷରୁ ଏହି ପ୍ରତିଯୋଗିତା ଦେଶର ୫ଟି ସ୍ଥାନରେ କରାଯାଇଥିଲା। ଏହି ପ୍ରତିଯୋଗିତାରେ କନଷ୍ଟ୍ରକ୍ସନ୍ ଆଣ୍ଡ ବିଲ୍ଡିଂ ଟେକ୍ନୋଲୋଜି, ସାଇବର ସିକ୍ୟୁରିଟି, କ୍ରିଏଟିଭ ଆର୍ଟ ଆଣ୍ଡ ଫ୍ୟାସନ୍, ଇନଫରମେସନ୍ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି, ମୋବାଇଲ ଆପ୍ଲିକେସନ୍ ଭଳି ୫୦ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଠାରୁ କୃତୀ ପ୍ରତିଯୋଗୀମାନେ ଆସନ୍ତା ସେପ୍ଟେମ୍ବରରେ ଚୀନର ସାଂଘାଇଠାରେ ହେବାକୁ ଥିବା 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

**୧୫ଟି ସ୍ୱର୍ଣ୍ଣ ସହ ୫୭ଟି ପଦକ ଜିତିଲେ**

## ନ୍ୟୁଜ୍-୧୮ ଓଡ଼ିଆ ଅସ୍ମିତା ସମ୍ମିଳନୀ

# ଓଡ଼ିଆ ଭାଷା ସୁରକ୍ଷିତ ରହିଲେ ଆମ ସ୍ୱାଭିମାନ ସୁରକ୍ଷିତ ରହିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୪(ସମିସ): ଭାଷା ଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆମ ସଂସ୍କୃତି, ଆମ ପରମ୍ପରା ଏବଂ ଆମ ବରପୁତ୍ରମାନଙ୍କ ତ୍ୟାଗ ଓ ତପସ୍ୟା ହିଁ ଆମ ଓଡ଼ିଆ ଅସ୍ମିତାର ମୂଳଦୁଆ। ବର୍ତ୍ତମାନ ସମଗ୍ର ରାଜ୍ୟରେ 'ଓଡ଼ିଆ ପକ୍ଷ' ପାଳନ କରାଯାଉଥିବା ସମୟରେ ଆମ ଭାଷା ଓ ଐତିହ୍ୟକୁ ନେଇ ଏଭଳି ଏକ ବୈଚାରିକ ମଞ୍ଚ ପ୍ରସ୍ତୁତ କରିବା ପ୍ରଶଂସନୀୟ ବୋଲି ନ୍ୟୁଜ୍-୧୮ ଓଡ଼ିଆ ପକ୍ଷରୁ ଆୟୋଜିତ ଓଡ଼ିଆ ଅସ୍ମିତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଅସ୍ମିତା କେବଳ ଓଡ଼ିଆ ଅଭିଧାନର ଦୁଇଟି ଶବ୍ଦ ନୁହେଁ, ବରଂ ଏହା ଆମ ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଆମ ଜାତିର ପରିଚୟ, ଆମ ପରମ୍ପରାର ଗୌରବ ଏବଂ ଆମ ସଂସ୍କୃତିର ମୂଳଦୁଆ। ଏହା ଆଗାମୀପିଢ଼ିକୁ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ନିରନ୍ତର ପ୍ରେରଣା ଯୋଗାଇବ। ଆମର ପରିଚୟ ଆମ ଭାଷାରେ ନିହିତ। ଓଡ଼ିଆ ଭାଷା ବିଶ୍ୱର ଅନ୍ୟତମ ପ୍ରାଚୀନ ଏବଂ ଶାସ୍ତ୍ରୀୟ ଭାଷା। ଏହି ଭାଷାକୁ ସୁରକ୍ଷିତ ରଖିଲେ ହିଁ ଆମର ଆତ୍ମସମ୍ମାନ ଏବଂ ସ୍ୱାଭିମାନ ସୁରକ୍ଷିତ ରହିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଦିଲ୍ଲୀରେ 'ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ଐତିହ୍ୟ ଲାଇବ୍ରେରୀ' ପ୍ରତିଷ୍ଠା ପାଇଁ ଯୋଜନା ନାହିଁ

ଭୁବନେଶ୍ୱର, ୩।୪(ସମିସ): ରାଜଧାନୀ ଦିଲ୍ଲୀରେ 'ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ଐତିହ୍ୟ ଲାଇବ୍ରେରୀ' ସ୍ଥାପନ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ସଂସଦରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି ଯେ ନୂଆଦିଲ୍ଲୀରେ ଏକ ନିର୍ଦ୍ଦିଷ୍ଟ 'ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ଐତିହ୍ୟ ଲାଇବ୍ରେରୀ' ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ମନ୍ତ୍ରଣାଳୟ ପାଖକୁ ଆସିନାହିଁ। ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏପରି କୌଣସି ପ୍ରସ୍ତାବ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ନିକଟରେ ମଧ୍ୟ ବିଚାରାଧୀନ ନାହିଁ ଓ ଏହା ସମ୍ବନ୍ଧରେ କୌଣସି ସମୟସୀମା ନିର୍ଦ୍ଧାରିତ ହୋଇନାହିଁ। ତେଣୁ ନିକଟ ଭବିଷ୍ୟତରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ ହୋଇଛି। ଗୁରୁବାର ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ, ଓଡ଼ିଶା ସରକାରଙ୍କ ଦ୍ୱାରା ନୂଆଦିଲ୍ଲୀରେ ଏକ ନିର୍ଦ୍ଦିଷ୍ଟ 'ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ଐତିହ୍ୟ ଲାଇବ୍ରେରୀ' ସ୍ଥାପନ ପାଇଁ କୌଣସି ପ୍ରସ୍ତାବ ମନ୍ତ୍ରଣାଳୟ ପାଖକୁ ଆସିଛି କି ବୋଲି ପ୍ରଶ୍ନ କରିଥିଲେ। ଏହାସହ ଯଦି ପ୍ରସ୍ତାବ ଆସିଥାଏ, ତେବେ ଏହାର ବିବରଣୀ ଏବଂ ଏହାର ପରୀକ୍ଷଣ/ଅନୁମୋଦନର ବର୍ତ୍ତମାନ ସ୍ଥିତି କ'ଣ ଜଣାଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ଯଦି ନାହିଁ, ତେବେ କେନ୍ଦ୍ର ସରକାର କୌଣସି ଯୋଜନା ଅଧୀନରେ କିମ୍ବା ଓଡ଼ିଶା ସରକାର ସହ ମିଳିତ ଭାବେ ଏହି ପଦକ୍ଷେପ ନେବେ କି? ଉକ୍ତ ସାଂସ୍କୃତିକ କେନ୍ଦ୍ର ଓ ଐତିହ୍ୟ ଲାଇବ୍ରେରୀ କେବେ ସ୍ଥାପିତ ହେବାର ସମ୍ଭାବନା ଅଛି ବୋଲି ଜଣାଇବାକୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଶେଖାୱତ ଉପରୋକ୍ତ ତଥ୍ୟ ସହ ଏନେଇ କୌଣସି ଯୋଜନା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଦେଶର ବିଭିନ୍ନ ରାଜ୍ୟର ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରୟାଗରାଜଠାରେ ଉତ୍ତର କେନ୍ଦ୍ରାଞ୍ଚଳ ସାଂସ୍କୃତିକ କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିସ୍ଥିତିରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସାଂସ୍କୃତିକ କେନ୍ଦ୍ର ସ୍ଥାପନ ପାଇଁ ପ୍ରଥମେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିବା ଆବଶ୍ୟକ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ■ ଫଟୋ ଉଠାରେ ସୀମିତ "ମା' ପାଇଁ ଗଛଟିଏ"

# ୬ ହଜାର ଚାରାର ନାହିଁ ଚିହ୍ନବର୍ଣ୍ଣ



ଶୁକୁଳି, ୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକରେ ହୋଇଥିବା 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ରୋପିତ ଚାରା ଗଛ ଉଭାନ ହେବା ନେଇ ଏବେ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ବିଶେଷକରି ବିଲେଇଶୁଆ ଗ୍ରାମର ପରିସ୍ଥିତି ଦେଖିଲେ, କାର୍ଯ୍ୟକ୍ରମର ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି। ବିଲେଇଶୁଆ ଗ୍ରାମରେ ଯେତେ ଚାରା ଲଗାଯାଇଥିଲା, ବର୍ତ୍ତମାନ ସେଥିରୁ ଗୋଟିଏ ମଧ୍ୟ ବଞ୍ଚି ନାହିଁ। ଅନେକ ସ୍ଥାନରେ ଚାରା ଲଗାଯାଇଥିବା ଚିହ୍ନ ମଧ୍ୟ ମିଳୁନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ ଚାରାରୋପଣ କାର୍ଯ୍ୟକ୍ରମ କେବଳ ଫଟୋ ଉଠା ଓ ଦେଖାଦେଖି ପର୍ଯ୍ୟନ୍ତ ସୀମିତ ରହିଗଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଚାରା ଲଗାଇବା ପରେ ସେଗୁଡ଼ିକର ରକ୍ଷଣାବେକ୍ଷଣ, ପାଣି ଯୋଗାଣ କିମ୍ବା ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଗଛଗୁଡ଼ିକ ଶୁଖି ନଷ୍ଟ ହୋଇଯାଇଛି। ଗୋଟିଏ ଫଳକକୁ ବ୍ୟବହାର କରି ଦୁଇଟି ପ୍ରକଳ୍ପ ପାଇଁ ସୂଚନା ଉଲ୍ଲେଖ କରାଯିବା ସଭିଁଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କେବଳ ଲକ୍ଷ୍ୟ ପୂରଣ ପାଇଁ ଚାରା ଲଗାଇବା ପର୍ଯ୍ୟନ୍ତ ସୀମିତ ରହିବା ନୁହେଁ, ତାହାର ସଠିକ୍ ତଦାରଖ ଓ ଉତ୍ତରଦାୟୀ ନିଶ୍ଚିତ କରିବାକୁ ଦାବି ଉଠୁଛି। ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମଦିନ ଅବସରରେ ରରୁଆଁ ବ୍ଲକ ପକ୍ଷରୁ ୧୨ଟି ପଞ୍ଚାୟତରେ ବ୍ୟାପକ ଭାବେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ସ୍ଥାନ ଓ ରାସ୍ତାକଡ଼ରେ ପୃଥିବୀ ମା'ଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ୬ ହଜାରରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏଥିରେ ଶାଳ, ଶାଗୁଆନ, ଆକାଶିଆ, ଆମ୍ବ, ପିଜୁଳି, ଅଁଳା, ଲେମ୍ବୁ ଇତ୍ୟାଦି ମୂଲ୍ୟବାନ ଗଛ ଚାରା ରହିଥିଲା। କିନ୍ତୁ ଦୁଃଖର କଥା, ବହୁ ପରିମାଣରେ ଲାଗିଥିବା ଚାରାଗୁଡ଼ିକର ବର୍ତ୍ତମାନ ଅବସ୍ଥା ଦୟନୀୟ। ଅନେକ ସ୍ଥାନରେ ଚାରାର କୌଣସି ଚିହ୍ନ ବର୍ଣ୍ଣ ମଧ୍ୟ ନାହିଁ।

**ଗୋଟିଏ ଫଳକର ଦୁଇପାର୍ଶ୍ୱରେ ଦୁଇଟି ପ୍ରକଳ୍ପର ସୂଚନା**

# ଦିଲ୍ଲୀ ଗସ୍ତ ସମ୍ପର୍କରେ କଥା ବାଆଁରେଇଲେ ତାରା

ଭୁବନେଶ୍ୱର,୩।୪(ସମିସ): ରାଜ୍ୟ କଂଗ୍ରେସ ବିଧାୟକଙ୍କ ଦିଲ୍ଲୀ ଗସ୍ତ ଓ ବିରୋଧୀ ଦଳ ନେତା ପରିବର୍ତ୍ତନ ଚର୍ଚ୍ଚା ଭିତରେ ମୁହଁ ଖୋଲିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଦିଲ୍ଲୀ ଯାଇଥିବା ନେଇ ତାରା ସ୍ୱୀକାର କରିଥିଲେ ମଧ୍ୟ ବିଧାୟକ ଦଳ ନେତା ପାଇଁ ହେଉଥିବା ଲବି ପ୍ରସଙ୍ଗକୁ ସେ ସମ୍ପୂର୍ଣ୍ଣ ବାଆଁରେଇ ଦେଇଛନ୍ତି। ତାରା କହିଛନ୍ତି, ବ୍ୟକ୍ତିଗତ କାରଣ ପାଇଁ ସେ ଦିଲ୍ଲୀ ଗସ୍ତ କରିଛନ୍ତି। ହେଲେ କୌଣସି ନେତାଙ୍କୁ ସେ ଭେଟି ନାହାନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେ ଦିଲ୍ଲୀ ଯାଇଛନ୍ତି ଏବଂ ବିଧାୟକ ଦଳ ନେତା ପରିବର୍ତ୍ତନ ନେଇ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି। ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ, ସମସ୍ତେ ମାନିବେ। ବିଧାନସଭା ଶେଷ ପରେ ସ୍ୱାସ୍ଥ୍ୟଗତ କାରଣ ପାଇଁ ପ୍ରତି ମାସରେ ସେ ହାଇଦରାବାଦ୍ ଓ ଦିଲ୍ଲୀ ଯାଇଥା'ନ୍ତି ବୋଲି କହିଛନ୍ତି। ସ୍ୱାସ୍ଥ୍ୟ ଦେଖାଇ ବୁଲାବୁଲି କରି ସେ ଓଡ଼ିଶା ଫେରିବେ। ପିସିସି ଓ ଦଳର ହାଇକମାଣ୍ଡ ସମସ୍ତଙ୍କ ପର୍ଫମାନ୍ସକୁ ଅନୁଧ୍ୟାନ କରି ନିଷ୍ପତ୍ତି ନେବେ। ଦଳ ଯେତେବେଳେ ଯେଉଁ ନିଷ୍ପତ୍ତି ନେବ, ସେଥିରେ ସେ ସର୍ବଦା ରାଜି ବୋଲି କହିଛନ୍ତି।

ଏପ୍ରିଲ୍ ୧ ତାରିଖରେ କଂଗ୍ରେସ ୬ ଜଣ ବିଧାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ରହସ୍ୟମୟ ହୋଇଥିବାରୁ ରାଜନୈତିକ ମହଲରେ ନାନା ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ଗୁରୁବାର ଏହି ବିଧାୟକମାନେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ ଏଆଇସିସି କୋଷାଧ୍ୟକ୍ଷ ଅଜୟ ମାକେନଙ୍କୁ ଭେଟିଥିବା ନେଇ ମଧ୍ୟ ଖବର ମିଳିଛି। ଏହି ଭେଟ୍‌ଘାଟ ବେଳେ ଦଳର ଆଭ୍ୟନ୍ତରୀଣ ସମସ୍ୟା, ବିଧାୟକ ଦଳ ନେତୃତ୍ୱ ପରିବର୍ତ୍ତନ ଏବଂ ଆଗାମୀ ରଣନୀତି ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି।

ଅନ୍ୟପଟେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଗସ୍ତକୁ ସାଧାରଣ ବୋଲି କହିଛନ୍ତି। ଏହି ଗସ୍ତ ସମ୍ପର୍କରେ ସେ ଅବଗତ ଅଛନ୍ତି ବୋଲି ସୂଚନା ଦେଇଛନ୍ତି। ମାତ୍ର, ନେତୃତ୍ୱ ପରିବର୍ତ୍ତନ ନେଇ କୌଣସି ଆଲୋଚନା ସେଠାରେ ହେବ ନାହିଁ ବୋଲି ସେ କହିଥିଲେ ମଧ୍ୟ ରାଜନୀତି ବିଶାରଦ ଏହି କଥାକୁ ସହଜରେ ଗ୍ରହଣ କରାଯାଇପାରୁ ନାହିଁ। କାରଣ ଗସ୍ତ କରିଥିବା ବିଧାୟକମାନଙ୍କ ସହିତ ବିଧାୟକ ସାଗର ଦାସ ଅର୍ଥାତ୍ ପିସିସି ସଭାପତିଙ୍କ ପୁଅ ରହିଥିବାରୁ ଯଦି ଏହି ପରିବର୍ତ୍ତନ ହୁଏ, ତେବେ ପିସିସି ସଭାପତିଙ୍କର ମଧ୍ୟ ପରୋକ୍ଷ ସମର୍ଥନ ଏଥିରେ ଥିବା ଚର୍ଚ୍ଚା ହେଉଛି। ରାଜ୍ୟ କଂଗ୍ରେସର ଆଭ୍ୟନ୍ତରୀଣ କଳହ ଏବଂ ସଂଗଠନ ମଜଭୁତ କରିବା ପାଇଁ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ବୋଲି କୁହାଯାଉଛି। ଆଗାମୀ ଦିନରେ କଂଗ୍ରେସ ବିଧାୟକମାନଙ୍କ ଏହି ଗସ୍ତ ଓଡ଼ିଶା କଂଗ୍ରେସର ଭବିଷ୍ୟତ ରଣନୀତି ଉପରେ କି' ପ୍ରକାର ପ୍ରଭାବ ପକାଇବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

**ଏଆଇସିସି ଶୀର୍ଷ ନେତୃତ୍ୱଙ୍କ ବୈଠକ ହୋଇଥିବା ସୂଚନା**

# ଭୁବନ ମୁଖ୍ୟ ବଜାରରେ ବୁଲିଲା ଦନ୍ତା



ଭୁବନ, ୩।୪(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ମୁଖ୍ୟ ବଜାର ଭିତରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଭରତୀ ପାହାଡ଼ ପାଦଦେଶରେ ଥିବା ମହିଳା ମହାବିଦ୍ୟାଳୟ ରାସ୍ତାରେ ହାତୀକୁ ଦେଖି ସାହିବାସିନ୍ଦା ଭୟଭୀତ ହୋଇଯାଇଥିଲେ। ଏହି ଦନ୍ତାହାତୀ ନିୟୁ ରଙ୍ଗିଲା ବାର୍‌କୁ ପଶିଯାଇଥିଲା। ଲୋକେ ହୋ-ହାଲ୍ଲା କରିବାରୁ ସିଭିଲ କୋର୍ଟ ସମ୍ମୁଖରେ ସହର ଭିତରକୁ ପ୍ରବେଶ କରିଥିଲା। ଖବର ପାଇ ବନପାଳ କଳ୍ପନା ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଦଳ ହାତୀକୁ ଘଉଡ଼ାଇ କିଛି ବାଟ ଗଲା ପରେ ପୋଷ୍ଟ ଅଫିସ୍ ଛକଠାରେ ଦକ୍ଷିଣ ଦିଗକୁ ଯାଇ ସରସ୍ୱତୀ ଶିଶୁ ମନ୍ଦିର ରାସ୍ତାରେ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଭୂଷଳ ବନ୍ଧାଳ ରାସ୍ତାରେ ସୁଲେଇପାଳ ଦେଇ ବ୍ରାହ୍ମଣୀ ନଦୀ ପାର କରାଇଥିଲେ ବନ କର୍ମଚାରୀ। ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁଁ ଖାଦ୍ୟ ସନ୍ଧାନରେ ସହର ମଧ୍ୟକୁ ହାତୀ ପଶି ଅସୁଥିବା ଦେଖାଯାଇଛି। ଆଜି ସକାଳୁ କୋର୍ଟ ଛକ ଦେଇ ସହର ମଧ୍ୟରେ ପ୍ରବେଶ କରିଥିବା ହାତୀ ରାକେଶ କାହାର କିଛି କ୍ଷତି କରିନାହିଁ।

## ଡିଲ୍ ବେଳେ ମାଡ଼ିବସିଲା ପୁଲିସ

# ୫ଲକ୍ଷର ବ୍ରାଉନସୁଗର ଜବତ; ୩ ଗିରଫ

ଖୋର୍ଦ୍ଧା,୩।୪(ସମିସ): ସଦର ଥାନା ଅନ୍ତର୍ଗତ ଛତିପୁର ଖେଳପଡିଆ ନିକଟରେ ଚାଲିଥିଲା ବ୍ରାଉନସୁଗର ଡିଲ୍। କିନ୍ତୁ ଠିକ୍ ମାଲ ଦିଆନିଆ ବେଳେ ମାଡ଼ି ବସିଲା ପୁଲିସ। ଜଣେ ବେପାରୀଙ୍କ ସମେତ ମାଲ ନେବାକୁ ଆସିଥିବା ଅନ୍ୟ ଜିଲ୍ଲାର ଦୁଇଜଣ ଗ୍ରାହକଙ୍କୁ ପୁଲିସ ଗିରଫ କରିଛି। ଗିରଫ ବେପାରୀ ହେଲେ, ଜଟଣୀ ଥାନା ଅନ୍ତର୍ଗତ ତିରିମଲର ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓରଫ୍ ଗାଣ୍ଡୁ (୪୭) ଏବଂ ଗ୍ରାହକ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଥାନା ଅନ୍ତର୍ଗତ ଅମ୍ବିକାନଗର ବିଜିପୁରର ସୁଧିର ଚୌଧୁରୀ (୨୨) ଓ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ମୋଚିସାହି ହଜ ଗଳିର ସେକ୍ ଅସିଫ୍ ଓରଫ ଗାଣ୍ଡୁ (୨୧) ବୋଲି ଆଜି ସଦରଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ତଥା ଭାରପ୍ରାପ୍ତ ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ପ୍ରଧାନ ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ୫୧.୭୭ ଗ୍ରାମ ଓଜନର ବ୍ରାଉନସୁଗର, ଏକ ବୁଲେଟ୍ ଓ ୩ଟି ଦାମୀ ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରକାଶଥାଉକି, ଖୋର୍ଦ୍ଧା ସହରରେ ଦିନକୁ ଦିନ ବ୍ରାଉନସୁଗର କାରବାର ବୃଦ୍ଧି ପାଉଛି।

# ଟ୍ରେନ୍ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା

ବଲାଙ୍ଗିର, ୩।୪(ସମିସ): ବଲାଙ୍ଗିର ରେଳଷ୍ଟେସନ୍‌ରୁ କିଛି କିଲୋମିଟର ଦୂରରେ ଖୁଜେନପାଲି ରେଳ ବ୍ରିଜ୍ ଉପରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଜଣଙ୍କ ମାଲଗୋଦାମପଡ଼ା ଅଞ୍ଚଳର ପ୍ରୀତି ସାହୁ(୨୦)। ସେ ବିଳମ୍ବିତ ରାତିରେ ଏକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ହାୱଡା ଅଭିମୁଖେ ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନ୍‌ର ଲୋକୋ-ପାଇଲଟ୍ ଜଣେ ଯୁବତୀ ଡେଇଁ ଆତ୍ମହତ୍ୟା କରିଥିବା ବଲାଙ୍ଗିର ଷ୍ଟେସନରେ ସୂଚନା ଦେଇଥିଲେ। ଶୁକ୍ରବାର ସକାଳୁ ଜିଆରପି ପହଞ୍ଚି ଶବ ଜବତ କରିଥିଲା। ପ୍ରଥମେ ଯୁବତୀଙ୍କ ପରିଚୟ ଜଣାପଡ଼ି ନ ଥଲା। ପରେ ତାଙ୍କ ବାପା ଆସି ଚିହ୍ନଟ କରିଥିଲେ। ତାଙ୍କ ବାପାଙ୍କ ସୂଚନା ଅନୁସାରେ ଯୁବତୀଜଣକ ନାବାଳିକା ଥିବା ବେଳେ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଆଉ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ; କିନ୍ତୁ ତାହା ମଧ୍ୟ ସଫଳ ହୋଇ ନ ଥିଲା। ଗତ ଚାରି ମାସ ହେଲା ସେ ଝିଅକୁ ଆଣି ଘରେ ରଖିଥିଲେ। ସହରରେ ତାଙ୍କ ପାଇଁ ଏକ କାମ ମଧ୍ୟ ଠିକ କରିଦେଇଥିଲେ। ଝିଅର କାର୍ଯ୍ୟକଳାପରେ ସେ ଅସନ୍ତୁଷ୍ଟ ହୋଇ କିଛି ଦିନ ପୂର୍ବରୁ ମୋବାଇଲ ନେଇଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା; କିନ୍ତୁ ସେ କାହିଁକି ଆତ୍ମହତ୍ୟା କଲେ ତାହା ତାଙ୍କ ବାପା ମଧ୍ୟ ସ୍ପଷ୍ଟ ଭାବେ ଉତ୍ତର ରଖି ନ ଥିଲେ। ପ୍ରେମ ସମ୍ପର୍କକୁ ନେଇ ରହିଥିବା ସମସ୍ୟା ହିଁ ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।



## ଅବ୍ୟବସ୍ଥା ଘେରରେ ଏମ୍‌କେସିଜି ମେଡିକାଲ ରେଡିଓଲୋଜି ବିଭାଗ

# ଏକ୍ସ-ରେ' ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରୁଛନ୍ତି ରୋଗୀ

ବ୍ରହ୍ମପୁର,୩।୪(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରେଡିଓଲୋଜି ବିଭାଗର ଅବ୍ୟବସ୍ଥା ନେଇ ରୋଗୀମାନଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ୁଛି। ବିଶେଷ କରି ଏକ୍ସ-ରେ' ପରୀକ୍ଷା ପାଇଁ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ରହିବା ପରେ ମଧ୍ୟ ସେବା ପାଉନଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ତାଙ୍କ ପରିବାରଲୋକ ଏକ୍ସ-ରେ' ନିମନ୍ତେ ସକାଳୁ ଆସି ହସ୍ପିଟାଲକୁ ଧାଡ଼ିରେ ଛିଡ଼ା ହୋଇଥାନ୍ତି। ଦିନଭରି ଅପେକ୍ଷା କରିବା ସତ୍ତ୍ୱେ ପରୀକ୍ଷା ହେଉନଥିବାରୁ ରୋଗୀମାନେ ନିରାଶ ହେଉଛନ୍ତି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପରେ ଦକ୍ଷିଣ ଓଡ଼ିଶାର ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ବହୁ ସହରର ହଜାର ହଜାର ରୋଗୀ ନିର୍ଭର କରୁଛନ୍ତି। ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ଅନେକ ସମୟରେ ଡାକ୍ତର ଏକ୍ସ-ରେ' କରିବାକୁ ପରାମର୍ଶ କରିଛନ୍ତି। ସେହି କ୍ରମରେ ରୋଗୀମାନେ ମେଡ଼ିକାଲ ପରିସରରେ ରହିଥିବା ରେଡିଓଲୋଜି ବିଭାଗକୁ ଯାଇଥା'ନ୍ତି। ବିଭାଗର କର୍ମଚାରୀମାନେ ସଠିକ୍ ଭାବରେ ସେବା ଯୋଗାଇବା ପରିବର୍ତ୍ତେ ମନମାନି ଭାବେ କାମ କରୁଥିବା ରୋଗୀ ଅଭିଯୋଗ କରିଛନ୍ତି। ଏଭଳି ଅବ୍ୟବସ୍ଥାରେ ବହୁ ବୃଦ୍ଧ ଓ ଗୁରୁତର ରୋଗୀମାନେ ସବୁଠାରୁ ବେଶି ପୀଡ଼ିତ ହେଉଛନ୍ତି। ଲମ୍ବା ସମୟ ଧରି ଧାଡ଼ି ରହିବା ଓ ଅସୁବିଧାରେ ଅପେକ୍ଷା କରିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେଉଥିବା ଦେଖାଯାଉଛି। ନିର୍ଦ୍ଧାରିତ ୧.୩୦ମିନିଟ ରୁ ୨.୩୦ମିନିଟ ପରିବର୍ତ୍ତେ କର୍ମଚାରୀମାନେ ୨ ଘଣ୍ଟାରୁ ଅଧିକ ସମୟ ବିରତି ନେଉଥିବାରୁ ରୋଗୀମାନେ ଅଧିକ କଷ୍ଟ ପାଉଛନ୍ତି। ଦୂର ଅଞ୍ଚଳରୁ ଆସୁଥିବା ରୋଗୀମାନେ ଅତିରିକ୍ତ ଖର୍ଚ୍ଚ ସହ ଆଉ ଗୋଟିଏ ଦିନ ରହିବାକୁ ବାଧ୍ୟ ହେଉଛନ୍ତି। ଏହାସହିତ କିଛି କର୍ମଚାରୀଙ୍କ ଅସଦ୍ ବ୍ୟବହାର ଓ ଅନଭିଜ୍ଞ ନର୍ସମାନଙ୍କ ପକ୍ଷରୁ ସଠିକ୍ ପରାମର୍ଶ ମିଳୁନଥିବା ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅବନି ଗୟା ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ମେଡ଼ିକାଲ୍ ଅଧୀକ୍ଷକଙ୍କ ନିୟନ୍ତ୍ରଣ ଓ ପରିଚାଳନା ଉପରେ ସେ ପ୍ରଶ୍ନ ଉଠୁଛି। ମଧ୍ୟାହ୍ନ ବିରତି ନାମରେ ରୋଗୀମାନଙ୍କୁ ଅସୁବିଧାରେ ପକାଇବା ଯୁକ୍ତିଯୁକ୍ତ ନୁହେଁ। ବିଭିନ୍ନ ବିଭାଗରେ ପାଳି ଅର୍ଥାତ୍ ଏକା ସଙ୍ଗେ ସମସ୍ତ କର୍ମଚାରୀ ମଧ୍ୟାହ୍ନ ବିରତି ନନେଇ ଅଧା ଅଧା କର୍ମଚାରୀ ବିରତି ନେବା ସହ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ କାର୍ଯ୍ୟ ସମୟ ସମସ୍ତ ବିଭାଗର ସୂଚନା ଫଳକରେ ସ୍ପଷ୍ଟ ଭାବେ ଦର୍ଶାଇବାକୁ ସେ ଦାବି କରିଛନ୍ତି। ଏହି ସମସ୍ୟା ଉପରେ ଶୀଘ୍ର ଧ୍ୟାନ ଦେଇ ରେଡିଓଲୋଜି ବିଭାଗରେ ସୁଚାରୁ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।




**ଅଧୀକ୍ଷକଙ୍କ ନିୟନ୍ତ୍ରଣ ବାହାରେ କର୍ମଚାରୀ**

## ହିଙ୍ଗୁଳାଇ ଝାମୁଯାତ୍ରା ଉଦ୍‌ଯାପିତ



ବଡମ୍ବା,୩।୪(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ମୂଳିଆବାଙ୍କ ଗ୍ରାମର ପ୍ରସିଦ୍ଧ ହିଙ୍ଗୁଳାଇ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁରେ ମେଳଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବିଶିଷ୍ଟ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଆମ୍ବି ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ସରକାରୀ ଓକିଲ ସରୋଜ ବେଉରା, ସମାଜସେବୀ ହରମୋହନ ପଟ୍ଟନାୟକ, ସମାଜସେବୀ ମନୋଜ ଉଦୟଭାନୁ, ଗୋପୀନାଥପୁର ମଣ୍ଡଳର ସଭାପତି ସରୋଜ ଗୋଛି ଉପସ୍ଥିତ ଥିଲେ। ଶିକ୍ଷକ ରମେଶଚନ୍ଦ୍ର ବେହେରା ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଖପାଖର କାଳେଶୀମାନଙ୍କ ସହ ଶବର ସାହିର ସମସ୍ତ ପାଟଦଣ୍ଡୁଆ ଝାମୁଯାତ୍ରାରେ ୧୦୮୨ ଫୁଟ ଲାଗିଥିବା ନିଆଁରେ ଚାଲିଥିଲେ। ଶିବାଜୀ କ୍ଲବର ସଭାପତି କିଷାନ ଦେହୁରୀ ଓ ସମ୍ପାଦକ ଜ୍ଞାନରଞ୍ଜନ ଦେହୁରୀଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଥାନା ପରିସର ବାଇକ୍‌ରେ ନିଆଁ

ନିଶ୍ଚିନ୍ତକୋଇଲି,୩।୪(ସମିସ): ନିଶ୍ଚିନ୍ତକୋଇଲି ଥାନା ପରିସରରେ ଥିବା ବାଇକରେ ଶୁକ୍ରବାର ଅପରାହ୍ନରେ ହଠାତ୍ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା। ଥାନା କର୍ମଚାରୀ ପାଣି ପକାଇଥିଲେ ମଧ୍ୟ ନିଆଁ ଆୟତ୍ତ ନ ହେବାରୁ ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏଠାରେ ଏକ ବଡଧରଣର ଅଗ୍ନିକାଣ୍ଡକୁ ରୋକାଯାଇ ପାରିଥିଲା। ଦୀର୍ଘ ବର୍ଷ ହେବ ଏହି ଥାନା ପରିସରରେ ପୁଲିସ ଦ୍ୱାରା ଜବତ ହୋଇଥିବା ବହୁ ବାଇକ୍ ଏବଂ ଚାରିଚକିଆ ଯାନ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ସଠିକ୍ ଭାବେ ରଖାଯାଇ ନ ଥିବାରୁ ଏହା ମଧ୍ୟରେ ବହୁ ବିଷଧର ଜନ୍ତୁମାନେ ରହିଥିବାର ଦେଖାଯାଇଛି। ତୁରନ୍ତ ପରିତ୍ୟକ୍ତ ଏହି ଯାନବାହନଗୁଡିକୁ ହଟାଇବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଆଠଗଡ଼କୁ 'ଆମ ବସ' ଦାବି

ଆଠଗଡ଼,୩।୪(ସମିସ): ଆଠଗଡ଼ରୁ କଟକ, ଭୁବନେଶ୍ୱର ଓ ଢେଙ୍କାନାଳକୁ 'ଆମ ବସ' ସେବା ପ୍ରଚଳନ ଦାବିରେ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଅଭିନବ ଭାରତ' ପକ୍ଷରୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସଂଗଠନର ସମ୍ପାଦିକା ଅସୀମା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ଆଠଗଡ଼ରୁ ଦୈନିକ ଶତାଧିକ ଛାତ୍ରଛାତ୍ରୀ, କର୍ମଜୀବୀ, ମହିଳା ଓ ରୋଗୀ କଟକ ଏବଂ ଭୁବନେଶ୍ୱର ଉପରେ ନିର୍ଭର କରିଥାନ୍ତି। ମାତ୍ର ଆଠଗଡ଼ ବସଷ୍ଟାଣ୍ଡରୁ ସିଧାସଳଖ କୌଣସି ସରକାରୀ ବସ ସେବା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଧବଳେଶ୍ୱର ଦେଇ କଟକରୁ ଆଠଗଡ଼ ପର୍ଯ୍ୟନ୍ତ ଚାଲୁଥିବା ବସଟିର ଗତିପଥ ସଙ୍କୁଚିତ କରାଯାଇ ମଞ୍ଜେଶ୍ୱର ଗ୍ରାମ ପର୍ଯ୍ୟନ୍ତ ସୀମିତ ରଖାଯାଇଛି। ଏହା ଦ୍ୱାରା ଆଠଗଡ଼ବାସୀ ସରକାରୀ ପରିବହନ ସେବାରୁ ବଞ୍ଚିତ ହେଉଛନ୍ତି। ସାଧାରଣ ଜନତାଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ତୁରନ୍ତ ଆଠଗଡ଼କୁ "ଆମ ବସ' ସେବା ସଂଯୋଗ କରିବାକୁ ସଂଗଠନ ଦୃଢ଼ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଅଶୋକ ଦାଶ ଏବଂ ହୃଦାନନ୍ଦ ତ୍ରିପାଠୀ ପ୍ରମୁଖ ଯାତ୍ରୀଙ୍କ ସମସ୍ୟା ଉପରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ଯୁଦ୍ଧର ପ୍ରଭାବ

# ହୋଟେଲ ଓ ଜଳଖିଆ ଦୋକାନରେ ତାଲା

### ରୋଷେଇ ଘରୁ ଗ୍ୟାସ ଗାଏବ, କାଠଚୁଲିମୁହାଁ ମହିଳା

ଚୌଦ୍ୱାର,୩।୪(ସମିସ): ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ଭୟଙ୍କର ହେଉଥିବା ଯୁଦ୍ଧର ବିଭୀଷିକା ଏବେ ଚୌଦ୍ୱାର ଅଞ୍ଚଳର ଅର୍ଥନୀତି ଓ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଶ୍ୱ ବଜାରରେ ସୃଷ୍ଟି ହୋଇଥିବା ଇନ୍ଧନ ସଙ୍କଟର ସିଧାସଳଖ ପ୍ରଭାବ ଏବେ ଏଲପିଜି ରନ୍ଧନ ଗ୍ୟାସ ଯୋଗାଣ ଉପରେ ପଡ଼ିଛି। ଯାହା ଫଳରେ ସ୍ଥାନୀୟ ଉପଭୋକ୍ତାମାନେ ଗ୍ୟାସ ସିଲିଣ୍ଡର ପାଇବା ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟାପ୍ତ ଗ୍ୟାସ ଗଚ୍ଛିତ ଥିବା ଦାବି କରୁଥିବା ବେଳେ, ଚୌଦ୍ୱାରର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସରକାରଙ୍କ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଧୂଆଁମୁକ୍ତ ରୋଷେଇ ଘରର ସ୍ୱପ୍ନ ଦେଖିଥିବା ମହିଳାମାନେ ଏବେ ପୁଣି ପୁରୁଣା ଦିନକୁ ଫେରିଛନ୍ତି। ଗ୍ୟାସ ଅଭାବରୁ ରୋଷେଇ ଘରେ ଖାଲି ସିଲିଣ୍ଡର ଶୋଭା ପାଉଥିବା ବେଳେ ମହିଳାମାନେ ବାଧ୍ୟ ହୋଇ ବାହାରେ ଚୁଲି ପକାଇ ଘସି, କାଠ ଓ କୁଟା ଜାଳି ରୋଷେଇ କରୁଛନ୍ତି। ଏପରିକି ଜାଳେଣି ଅଭାବରୁ ଅନେକ ସ୍ଥାନରେ ପତ୍ରକୁଟା ଗୋଟାଇ ମହିଳାମାନେ ନିଜ ପରିବାର ପାଇଁ ଆହାର ପ୍ରସ୍ତୁତ କରୁଛନ୍ତି। ଧୂଆଁରୁ ମୁକ୍ତି ପାଇବା ପରିବର୍ତ୍ତେ ଏବେ ପୁଣି ସେହି ଧୂଆଁ ଭିତରେ ରୋଷେଇ କରିବା ସେମାନଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଗ୍ୟାସ ସଙ୍କଟରୁ ବଜାର ମଧ୍ୟ ବାଦ୍ ପଡ଼ିନାହିଁ। ଚୌଦ୍ୱାର ଅଞ୍ଚଳର ଶତାଧିକ ଜଳଖିଆ ଦୋକାନ ଓ ହୋଟେଲ ଏବେ ଜାଳେଣି ଅଭାବରୁ ବନ୍ଦ ହେବା ଅବସ୍ଥାକୁ ଆସିଲାଣି। କିଛି ବ୍ୟବସାୟୀ ବାଧ୍ୟ ହୋଇ କୋଇଲା ଓ କାଠ ବ୍ୟବହାର କରୁଥିବାରୁ ସାରା ବଜାର ଧୂଆଁମୟ ହୋଇ ପରିବେଶ ପ୍ରଦୂଷିତ ହେଉଛି। ପ୍ରଶାସନ ପକ୍ଷରୁ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନ ପରେ ସିଲିଣ୍ଡର ମିଳିବ ବୋଲି କୁହାଯାଉଥିଲେ ମଧ୍ୟ ମାସ ମାସ ଧରି ଅପେକ୍ଷା କଲେ ବି ଉପଭୋକ୍ତାଙ୍କୁ ଗ୍ୟାସ ମିଳୁନାହିଁ। ଘରୋଇ ଗ୍ରାହକଙ୍କ ସମସ୍ୟା ଏତେ ଜଟିଳ ଥିବା ବେଳେ ବାଣିଜ୍ୟିକ ସଂଯୋଗର ଅବସ୍ଥା ଆହୁରି ଶୋଚନୀୟ। ସରକାରୀସ୍ତରରେ ଗ୍ୟାସର ଅଭାବ ନାହିଁ ବୋଲି ପ୍ରଚାର କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ପାଖରେ ଏହା କାହିଁକି ପହଞ୍ଚୁନାହିଁ, ସେନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଯୋଗାଣ ବିଭାଗ ତୁରନ୍ତ ଏଲପିଜିର ସୁଷମ ବଣ୍ଟନ ପାଇଁ ବ୍ୟବସ୍ଥା ନକଲେ ଆଗାମୀ ଦିନରେ ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ହେବାର ଆଶଙ୍କା ରହିଛି।

## ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ




ନରସିଂହପୁର,୩।୪(ସମିସ): ନରସିଂହପୁର ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ନିର୍ବାଚନ କମିଟି ଓ ଏସବିସି ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ବିଶିଷ୍ଟ ଅତିଥିଭାବେ କେନ୍ଦ୍ରୀୟ ନିର୍ବାଚନ କମିଟି ଓ ଏସବିସି ଅଧ୍ୟକ୍ଷ ଅରୂପାନନ୍ଦ ଦାସ, ସମ୍ମାନିତ ଅତିଥିଭାବେ ଏସବିସି ସଦସ୍ୟ ମାନସ ଚାନ୍ଦ, ଧନଞ୍ଜୟ ମୁଣ୍ଡ, ବିଭୂପ୍ରସାଦ ଦାସ, ଓଡିଶା ହାଇକୋର୍ଟ ଓକିଲ ସଂଘର ସମ୍ପାଦକ ହୃଦାନନ୍ଦ ମହାପାତ୍ର, ଏଟିବିଏନ ଆସୋଏସନର ସମ୍ପାଦକ ବିଜୟ ବେହେରା, ବଡମ୍ବା ଓକିଲ ସଂଘର ସଭାପତି ବିଦୁଭୂଷଣ ମହାନ୍ତି, ତିଗିରିଆ ଓକିଲ ସଂଘର ସଭାପତି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ଅଧିକାରୀ ବୀରକିଶୋରଦେହୁରୀ ନବନିର୍ବାଚିତ ସଭାପତି ସୂର୍ଯ୍ୟନାରାୟଣ ପାତ୍ର, ଉପସଭାପତି ନର ନାରାୟଣ ବାରିକ, ସମ୍ପାଦକ ଗୋଲଖ ବିହାରୀ ସାହୁ, ସହସମ୍ପାଦକ ଦେବଦତ୍ତ ମଳୟ ବରାଳ, କୋଷାଧ୍ୟକ୍ଷ ସମୀର ଦଳେଇ, ଗ୍ରନ୍ଥକାରିକ ସମ୍ପାଦକ ରଞ୍ଜନ କୁମାର ପ୍ରଧାନ ପ୍ରମୁଖଙ୍କୁ ଶପଥଗ୍ରହଣ କରାଇଥିଲେ।

### ଚୌଦ୍ୱାର ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷର ଦ୍ୱିତୀୟ ଦିନ

## 'ଆମେ ଓଡ଼ିଆ ଓ ଆମ ଅନୁଚିନ୍ତା' ଚର୍ଚ୍ଚା



ଚୌଦ୍ୱାର,୩।୪(ସମିସ): ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିନ ଅତ୍ୟନ୍ତ ଉତ୍ସାହ ଓ ଗମ୍ଭୀରତାର ସହିତ ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ 'ଆମେ ଓଡ଼ିଆ- ଆମ ଅନୁଚିନ୍ତା' ଶୀର୍ଷକ ଏକ ଚର୍ଚ୍ଚା ସମସ୍ତଙ୍କ ମନକୁ ଛୁଇଁଥିଲା। ମୁଖ୍ୟଅତିଥି ଭାବେ ସାହିତ୍ୟିକ ବାଣୀଭୂଷଣ ମହାନ୍ତି ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷା ରଶ୍ମି ରାଉତରାୟ ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତିକୁ ହୃଦୟ ଭିତରେ ଭଲ ପାଇବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ସଂଯୋଜିକା ଡ. ସସ୍ମିତା କର, ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଏବଂ ଡ. ଦୀପକ ବେହେରା ମୂଲ୍ୟବାନ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ଛାତ୍ରୀ ଅଞ୍ଜନା କର ନିଜ ଅନୁଚିନ୍ତାକୁ ସୁନ୍ଦର ଭାବରେ ପ୍ରକାଶ କରିଥିଲେ। ବନିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ହରପ୍ରିୟା ମହାପାତ୍ର, ଲକ୍ଷ୍ମଣ କରଣ, ସ୍ୱାଭିମାନ ସାମନ୍ତରାୟ, ଶୁଭସ୍ମିତା ଭୂୟାଁ, ଲିଜା ରଥ ଏବଂ ଅନୁପମା ତ୍ରିପାଠୀଙ୍କ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଠିକାଦାରଙ୍କ ମନମାନି; ୧୦ ପଞ୍ଚାୟତକୁ ପାଣି ବନ୍ଦ

ନରସିଂହପୁର,୩।୪(ସମିସ): ନରସିଂହପୁର ବ୍ଲକ୍ ବାଲିସାହି ଗ୍ରାମପଞ୍ଚାୟତ ମୁଖ୍ୟରାସ୍ତାରେ ଥିବା ଏକ ବ୍ରିଜ୍‌ର ନିର୍ମାଣ ପାଇଁ ମନୋନୀତ ଠିକାଦାରଙ୍କ ମନମାନି ଏବଂ ଦାୟିତ୍ୱହୀନତା ପାଇଁ ଏହି ବ୍ଲକ ଅଧୀନ ୧୦ଟି ପଞ୍ଚାୟତକୁ ଜଳଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଉକ୍ତ ନିର୍ମାଣ କାର୍ଯ୍ୟ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ବେଳେ ମହାନଦୀରୁ କମଳାଡ଼ିହକୁ ସଂଯୋଗ କରୁଥିବା ମୁଖ୍ୟ ପାନୀୟଜଳ ପାଇପଟି ଗତ ମାର୍ଚ୍ଚ ମାସ ୧୬ ତାରିଖ ଠିକାଦାରଙ୍କ ଅବହେଳା ପାଇଁ ଫାଟି ଯାଇଥିଲା। ଫଳରେ ୧୦ଟି ପଞ୍ଚାୟତକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପୁନର୍ବାର ଏଲଆଣ୍ଡଟି ପକ୍ଷରୁ ମରାମତି କରାଯାଇଥିବା ବେଳେ ଶୁକ୍ରବାର ପୁନର୍ବାର ଠିକାଦାରଙ୍କ ଦାୟିତ୍ୱହୀନତା ପାଇଁ ପାନୀୟଜଳ ପାଇପଟି ଫାଟିଯାଇଛି। ଫଳରେ ପିଇବା ପାଣି ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ତୁରନ୍ତ ଏହାର ମରାମତି କରିବା ପାଇଁ ଦାବି ହୋଇଛି।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ନରସିଂହପୁର,୩।୪(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପାର୍ବତୀପୁର ଶାସନ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ମିଶ୍ରଙ୍କର ଶୁକ୍ରବାର ୮୫ ବର୍ଷ ବୟସରେ ପରଲୋକ ଘଟିଯାଇଛି। କିଛିଦିନ ଧରି ସେ ଅସୁସ୍ଥ ଥିବାରୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର ରଶ୍ମିକାନ୍ତ, ରୁଦ୍ରକାନ୍ତ, ରଜନୀକାନ୍ତଙ୍କ ସମେତ ପୁତ୍ରବଧୂ, ନାତି ରୋହିତ ରମଣ, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ରଶ୍ମିକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଖବର ପାଇ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ସରପଞ୍ଚ ସୁବାସିନୀ ମିଶ୍ର ଏବଂ ପ୍ରଭାକର ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହିତ ସ୍ଥାନୀୟ ପୁରାତନ ଛାତ୍ର ସଂସଦ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କୃତୀ ଛାତ୍ରୀ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ



ବଡମ୍ବା,୩।୪(ସମିସ): ବଡ଼ମ୍ବା ଶିକ୍ଷା ମଣ୍ଡଳ ଅଧୀନ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅବନ୍ତିକା ସାମନ୍ତରାୟ କଟକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ନେତାଜୀ ସ୍ମୃତିପୀଠ, କଟକଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେଙ୍କ ଉପସ୍ଥିତିରେ କୃତୀ ଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ ଯେ ଓଡିଶା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କଟକ ଖାନନଗର ହାଇସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗାଇଡ଼ ଶିକ୍ଷକ ଅଶୋକ ଧଳଙ୍କ ମାର୍ଗଦର୍ଶନରେ ଅବନ୍ତିକା ଏହି ସଫଳତା ଅର୍ଜନ କରିଥିଲେ। ଏଥିନେଇ ବଡମ୍ବା ବ୍ଲକର ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅବନ୍ତିକାଙ୍କୁ ସାଧୁବାଦ ପ୍ରଦାନ କରାଯାଇଛି।

## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ସାଲେପୁର,୩।୪(ସମିସ): ୨୦୩୬ ମସିହା ବେଳକୁ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ। ଓଡ଼ିଶାର ଲୋକଙ୍କ ଆର୍ଥିକ ବିକାଶର ଉନ୍ନତି ଘଟିବ ବୋଲି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଏକାଦଶତମ ପ୍ରତିଷ୍ଠା ଉତ୍ସବ ଓ ଓଡ଼ିଶା ଦିବସର ଉଦ୍‌ଯାପନ ସମାରୋହରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଉପସ୍ଥାପିକା ଶୋଭନା ଦାଶଙ୍କ ସଂଯୋଜନାରେ ମୁଖ୍ୟଅତିଥି ରୂପେ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟବକ୍ତା ଭାବେ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ବକ୍ତା ଭାବେ ସାମ୍ବାଦିକ ଦେବେନ୍ଦ୍ର ସୁଆର, ଅନ୍ୟତମ ଅତିଥି ରୂପେ ରମାକାନ୍ତ ମଲ୍ଲିକ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଅକ୍ଷୟ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ଦୀପକ ଦାସ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଂପାଦକ ହୃଷୀକେଶ ମଲ୍ଲିକ ମଞ୍ଚାସୀନ ଥିବାବେଳେ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥି ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'ମଧୁବାର୍ତ୍ତା'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡିଜିଟାଲ ଆତସବାଜୀ ପ୍ରଦର୍ଶନ, ମଣ୍ଟୁ ଛୁରିଆଙ୍କ ନୃତ୍ୟ ଗୀତ ଓ ବହୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଆନନ୍ଦ ବିଭୋରିତ ହୋଇଯାଇଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦିବସ ଅବସରରେ ସକାଳେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରୁ ଏକ ମଧୁଜ୍ୟୋତି ଦୌଡ଼ରାଣୀ ଦୃତି ଚାନ୍ଦଙ୍କ ଉପସ୍ଥିତିରେ ଅଣାଯାଇ ସାଲେପୁର ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ସହ ସେଠାରେ ମାଲ୍ୟାର୍ପଣ କରିବା ସହ ମଧୁମଣ୍ଡପଠାରେ ମଧୁଜ୍ୟୋତିକୁ ସ୍ଥାପନ କରାଯାଇଥିଲା। ଏଥିରେ ବିଜେପି ନେତା ଅରିନ୍ଦମ ରାୟ, ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ସଂଘର ସଭାପତି ଅକ୍ଷୟ କୁମାର ଦାଶ, ସଂପାଦକ ହୃଷିକେଶ ମଲ୍ଲିକଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଅସୁରେଶ୍ୱର ଦାଣ୍ଡଯାତ୍ରାରେ ଜନସମୁଦ୍ର



### ରଘୁନାଥ ବେଶରେ ଦର୍ଶନ ଦେଲେ ପ୍ରଭୁ ଦଧିବାମନଜୀଉ

ନିଶ୍ଚିନ୍ତକୋଇଲି,୩।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତସ୍ଥିତ ମଲୀପୁର ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ରାମନବମୀ ଯାତ୍ରାର ସପ୍ତମ ଦିନରେ ଅସୁରେଶ୍ୱର ଦାଣ୍ଡଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ଐତିହାସିକ ଯାତ୍ରାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା, ଯାହା ଫଳରେ ସମଗ୍ର ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇଥିଲା। ଏହି ଅବସରରେ ମହାପ୍ରଭୁ ରଘୁନାଥଜୀଉ ରତ୍ନ ସିଂହାସନ ଛାଡ଼ି ଭାଇ ଲକ୍ଷ୍ମଣ ଓ ମାତା ସୀତାଙ୍କ ସହ ରୂପା ଖୋଦିତ ସୁସଜ୍ଜିତ ବିମାନରେ ବାହାରି କୋଇଲୋସ୍ଥିତ ଆରାଧ୍ୟ ଦେବତା ଦଧିବାମନଜୀଉଙ୍କ ମନ୍ଦିରକୁ ବିଜେ କରିଥିଲେ। ଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲେ ବିଭିନ୍ନ ପୌରାଣିକ ଚରିତ୍ରର ସୁଆଙ୍ଗୀ। ରାମ, ଲକ୍ଷ୍ମଣ, ସୀତା, ରାବଣ ଓ ହନୁମାନ ବେଶଧାରୀ କଳାକାରଙ୍କ ଅଭିନୟ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବ୍ରାହ୍ମ ମୁହୂର୍ତ୍ତରେ ରଘୁନାଥଜୀଉ ମନ୍ଦିର ନିକଟରେ ପହଞ୍ଚିବା ପରେ ପ୍ରଭୁ ଦଧିବାମନଜୀଉ "ରଘୁନାଥ ବେଶ'ରେ ଦର୍ଶନ ଦେଇଥିଲେ। ଏହି ଦୁଇ ଦେବତାଙ୍କ ମହାମିଳନ ସମୟରେ ନାଗଫାସ ବନ୍ଧନ, କାଳିକା ନୃତ୍ୟ ଓ ରାବଣ ନାଚ ପରିବେଷଣ କରାଯାଇଥିଲା। ଭକ୍ତଙ୍କ ମନସ୍କାମନା ପୂରଣ ପାଇଁ ମନ୍ଦିର ପ୍ରାଙ୍ଗଣରେ ବ୍ୟାପକ ଆତସବାଜିର ବ୍ୟବସ୍ଥା ହୋଇଥିଲା। ଯାତ୍ରା ପରିଚାଳନାରେ କିଟ୍ ଏଷ୍ଟାବ୍ଲିସମେଣ୍ଟ ଅଫିସର ପ୍ରମୋଦ ସାହୁ, ପ୍ରାକ୍ତନ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ଏବଂ ସରପଞ୍ଚ ପ୍ରତିନିଧି ଅନନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ନିଶ୍ଚିନ୍ତକୋଇଲି ଆଇଆଇସି ଅନିତା ସାହୁଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ ଭିଡ଼ର ସୁଯୋଗ ନେଇ ଶତାଧିକ ଶ୍ରଦ୍ଧାଳୁଙ୍କ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବର୍ତ୍ତମାନ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗରେ ଯାତ୍ରାର ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି।



## ରାମ ଅଭିଷେକ ବେଶରେ ଦାରୁ ରଘୁନାଥଜୀଉ



ତିଗିରିଆ,୩।୪(ସମିସ): ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମନବମୀ ପର୍ବର ଆଜି ଅଷ୍ଟମ ଦିନରେ ପ୍ରଭୁ ଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ରାମ ଅଭିଷେକ ବେଶରେ ଦର୍ଶନ ଦେଇଛନ୍ତି। ଶୁକ୍ରବାର ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ରାମ ଅଭିଷେକ ବେଶ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଆଜି ଅଷ୍ଟମ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ସହ ପ୍ରତିଯୋଗିତାରେ ଯୋଗଦେଇଥିବା ନାଟ୍ୟ ସଂସ୍ଥାକୁ ସମ୍ମାନିତ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

